# ରଥଯାତ୍ରା - ୨୦୨୨



## ମାନ୍ୟବର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ରଥଯାତ୍ରା ୨୦୨୨ର ପ୍ରଥମ ସମନ୍ୱୟ କମିଟି ବୈଠକର ବିବରଣୀ

ସ୍ଥାନ :

ପୌରସଦନ, ପୁରୀ ପୌରସଂସ୍ଥା, ପୁରୀ

ତାରିଖ : ୨୩ ମେ, ୨୦୨୨ ମସିହା, ସୋମବାର

ସମୟ : ପୂର୍ବାହ୍ନ ଘ୧୧.୦୦ଟିକା

"ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ"

ରଥଯାତ୍ରା ୨୦୨୨ ପ୍ରସ୍ତୁତି ନିମନ୍ତେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କଟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ପ୍ରଥମ ସମନ୍ୱୟ କମିଟି ବୈଠକର ବିବରଣୀ ।

ସ୍ଥାନ : ପୌର ସଦନ, ପୁରୀ ପୌରସଂସ୍ଥା, ପୁରୀ

ତାରିଖ : ତା ୨୩.୦୫.୨୦୨୨

ସମୟ : ପୂର୍ବାହ୍ନ ଘ.୧୧.୦୦ ଟିକା

***************************************************************************

ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ, ଶ୍ରୀ ଶ୍ରୀ ବଳଭଦ୍ର ମହାପ୍ରଭୁ, ଓ ପରମ କରୁଣାମୟୀ ମା ସୁଭଦ୍ରାଙ୍କର ବିଶ୍ୱ ପ୍ରସିଦ୍ଧ ଶ୍ରୀ ଗୁଣ୍ଡିଚା ଯାତ୍ରା ତା ୧.୦୭.୨୦୨୨ ରିଖ ଓ ବାହୁଡା ଯାତ୍ରା ତା୯.୦୭.୨୦୨୨ ରିଖ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ରଥଯାତ୍ରାର ସୁବନ୍ଦୋବସ୍ତ ଏବଂ ଶୃଙ୍ଖଳିତ ଭାବେ ସମାପନ କରିବା ନିମନ୍ତେ ତ୨୩.୦୪.୨୦୨୨ ରିଖ ପୂବାହ୍ନ ୧୧.୦୦ ଘଟିକା ସମୟରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକଙ୍କ ଅଧକ୍ଷତାରେ ପ୍ରଥମ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମାନ୍ୟବର ବିଧାୟକ ପୁରୀ, ମାନ୍ୟବର ସାଂସଦ ପୁରୀଙ୍କ ପ୍ରତିନିଧି, ଆରକ୍ଷୀ ମହାନିରୀକ୍ଷକ (କେନ୍ଦ୍ରାଞ୍ଚଳ), ଜିଲ୍ଲାପାଳ, ପ୍ରଶାସକ (ଉନ୍ନୟନ), ଶ୍ରୀମନ୍ଦିର, ଆରକ୍ଷୀ ଅଧିକ୍ଷକ, ପୁରୀଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ପଦସ୍ଥ ଅଧିକାରୀ, ପୁରୀ ସହରର ବିଶିଷ୍ଟ ନାଗରିକବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପସ୍ଥିତ ସଭ୍ୟମାନଙ୍କର ତାଲିକା ପରିଶିଷ୍ଟ 'କ'ରେ ଦର୍ଶାଯାଇଅଛି ।

ସର୍ବ ପ୍ରଥମେ ସଭାପତି ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ, ଜିଲ୍ଲାପାଳ ଓ ଉପସ୍ଥିତ ସମସ୍ତ ସଭ୍ୟମାନଙ୍କୁ ସ୍ୱାଗତ ଜଣାଇ ଚଳିତ ବର୍ଷ ଯଦି କୋଭିଡ-୧୯ ପରିସ୍ଥିତିରେ ସୁଧାର ରହେ ତେବେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଭକ୍ତ ଗହଣରେ ଅନୁଷ୍ଠିତ ହେବ ଏବଂ ଏଥିରେ ୧୦-୧୫ ଲକ୍ଷ ଭକ୍ତ ସମାଗମ ହେବାର ଆଶା କରାଯାଉଅଛି । ଏଣୁ ଚଳିତ ବର୍ଷ ରଥଯାତ୍ରାକୁ ସଫଳତା ଓ ଶାନ୍ତିଶୃଙ୍ଖଳତାର ସହ ସମ୍ପାଦନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ନିମ୍ନ ଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇ ସିଦ୍ଧାନ୍ତମାନ ଗ୍ରହଣ କରାଗଲା ।

## ୧. ରଥକାଠ ଯୋଗାଣ :

ରଥଯାତ୍ରା ସଂହିତାନୁଯାୟୀ ବନମଣ୍ଡଳ ଅଧିକାରୀ, ନୟାଗଡ ୮୬୫ ଖଣ୍ଡ କାଠ ଓ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ୬୦ ଖଣ୍ଡ ବହ୍ଳା, ୨୭୪ ଖଣ୍ଡ କଂଚାକାଠ ରଥ ନିର୍ମାଣ ନିମନ୍ତେ ଯୋଗାଇଥାନ୍ତି । ଗତବର୍ଷ ରଥ ନିର୍ମାଣ ପାଇଁ ନୟାଗଡ ବନଖଣ୍ଡ ଅଧିକାରୀ ଯୋଗାଇଥିବା କାଠର ୮୦ ଖଣ୍ଡ ଉପଯୋଗୀ କାଠ ବଳକା ଅଛି । ଏହାକୁ ବାଦ୍ ଦେଇ ଅବଶିଷ୍ଟ ୭୮୫ ଖଣ୍ଡ ବିଭିନ୍ନ ପ୍ରଜାତିର କାଠ ଏ ବର୍ଷ ଯୋଗାଇବାକୁ ନୟାଗଡ ଓ ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କୁ ଶ୍ରୀ ମନ୍ଦିର ପ୍ରଶାସନ ତରଫରୁ ଅନୁରୋଧ କରାଯାଇଅଛି ଏବଂ ଇତି ମଧ୍ୟରେ ନୟାଗଡ ବନଖଣ୍ଡ ୪୩୯ ଖଣ୍ଡ ଖପୁରୀଆ ସ୍ଥିତ କରତ କଳ ଏବଂ ପୁରୀ ରଥଖଳାକୁ ୩୬୫ଖଣ୍ଡ କାଠ ପହଂଚିଯାଇଛି ବୋଲି ବୈଠକରେ ଶ୍ରୀ ମନ୍ଦିର ପ୍ରଶାସକ(ନୀତି) ପ୍ରକାଶ କରିଥିଲେ । ୧୦ ଖଣ୍ଡ ଚାଳିଷ ଫୁଟର ଧଉରା କାଠ ମେ ମାସ

ସ୍ବାକ୍ଷର

ଶେଷ ସୁଧା ଆସି ପହଂଚିବ ।୧୦୦ ଖଣ୍ଡ କଂଚାକାଠ ମଧ୍ୟରୁ ୨୬ ଖଣ୍ଡ ଆସି ପହଂଚିଛି ଏବଂ ବଳକା ୭୪ ଖଣ୍ଡ ମେ' ମାସ ଶେଷ ସୁଧା ପହଂଚିବ ।

ଶ୍ରୀ ଜଗନ୍ନାଥ ବନ ପ୍ରକଳ୍ପର କୌଣସି ଗଛ ନଥିବା ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ବନଖଣ୍ଡ ଅଧିକାରୀ, ନୟାଗଡ଼ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପରେ ଲଗାଯାଇଥିବା ଗଛଗୁଡିକର ସ୍ଥିତାବସ୍ଥା ସଂପର୍କରେ ଆସନ୍ତା ୨ୟ ସମନ୍ୱୟ ବୈଠକରେ ଗୃହକୁ ଅବଗତ କରାଇବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ଏବଂ ଏହି ସମ୍ପର୍କରେ ଆଲୋଚନା ଆସନ୍ତା ବୈଠକରେ ହେବା ପାଇଁ ଅଧକ୍ଷତା କରୁଥିବା କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

*(କାର୍ଯ୍ୟାନୁଷ୍ଠାନ : ବନଖଣ୍ଡ ଅଧିକାରୀ, ନୟାଗଡ / ଖୋର୍ଦ୍ଧା/ବୌଦ୍ଧ*
*ଶ୍ରୀ ମନ୍ଦିର ପ୍ରଶାସନ, ପୁରୀ)*

**୨. ରଥ ନିର୍ମାଣ:**

(କ) ତା ୦୪.୦୫.୨୨ରିଖ ଠାରୁ ଅକ୍ଷୟତୃତୀୟା ଅବସରରେ ରଥନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି । ଅଦ୍ୟାବଧି ୪୨ଗୋଟି ଚକ ମଧ୍ୟରୁ ୨୧ଗୋଟି ରଥ ଚକ ପ୍ରସ୍ତୁତ ହୋଇଅଛି । ରଥନିର୍ମାଣ କାର୍ଯ୍ୟର ତଦାରଖ କରିବା ପାଇଁ ସଂପୃକ୍ତ ସେବକ, ସେବାୟତ, ବୈଷୟିକ ଓ ବନବିଭାଗ ଅଧିକାରୀଙ୍କୁ ନେଇ ଏକ କମିଟ ଶ୍ରୀ ମନ୍ଦିର ପ୍ରଶାସନ ଗଠନ କରାଯିବାପାଇଁ ସ୍ଥିର କରାଗଲା ।

**(ଖ) ରଥଚକ ସୁଦୃଢ଼ ବ୍ୟବସ୍ଥା :**

ରଥଚକ ସୁଦୃଢ଼ ଭାବେ ନିର୍ମାଣ ନିମନ୍ତେ ପୋଖତ କାଠ ବ୍ୟବହାର କରାଯିବ । ତୁମ୍ବର ଉଭୟପାର୍ଶ୍ୱରେ ଲୁହାର ଦ୍ୱୈତ ପନ୍ଦାରୀ (ବଳା) ଦିଆଯିବ ଏବଂ ଅର ଓ ପହିର ସଂଯୋଗ ସ୍ଥାନରେ ଲୁହାର କ୍ଲାମ୍ପମାନ ଲଗାଯିବ । ଏହି ନିର୍ମାଣ କାର୍ଯ୍ୟକୁ ନିର୍ବାହୀଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ତଦାରଖ କରି ପ୍ରତି ସପ୍ତାହରେ ତାଙ୍କ ରିପୋର୍ଟ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରିବେ ।

**(ଗ) ରଥଯାତ୍ରା ନିମନ୍ତେ ବିଭିନ୍ନ ଦ୍ରବ୍ୟ ଯୋଗାଣ :**

ବିଗତ ବର୍ଷ ମାନଙ୍କ ପରି ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ଆବଶ୍ୟକ ରଥକନା, ରଥ ଦଉଡି ସଂଗ୍ରହ କରିବା ସହିତ ଉତମମାନର ଝୁଣା, ଲାଗି ଲୁଗା, ଚେହେଲି, ବନକଲାଗି ଦ୍ରବ୍ୟ, ବାସୁଙ୍ଗାପାଟ, ଚନ୍ଦନ କାଠ, ବିଜେ ଡୋରୀ ଇତ୍ୟାଦି ବ୍ୟବସ୍ଥା କରିବେ । ଆବଶ୍ୟକ ୮୦୦ମିଟର ନାଲିରଙ୍ଗର କନା **M/s Bhagat & Co., Ahamadabad** ମେ ମାସ ୨୫ତାରିଖ ସୁଧା ଦେବେ ବୋଲି ଶ୍ରୀମନ୍ଦିର ପ୍ରଶାସକ (ନୀତି) ବୈଠକରେ ସୂଚନା ପ୍ରଦାନ କରିଥିଲେ । ଆବଶ୍ୟକ ଝୁଣା (୧୬୭କେ.ଜି.) ମହଜୁଦ ଅଛି । ମୁଖ୍ୟ ବନ ସଂରକ୍ଷକ, ତାମିଲନାଡୁଙ୍କୁ ୫୦୦କେ.ଜି.ର ଭଲ ଚନ୍ଦନ ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଛି ।

(କାର୍ଯ୍ୟାନୁଷ୍ଠାନ : ଶ୍ରୀ ମନ୍ଦିର ପ୍ରଶାସନ, ପୁରୀ /
ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହନିର୍ମାଣ, ପୁରୀ)

**୩. ରଥ ଟଣା:**

ରଥଟଣା ସୁନିୟନ୍ତ୍ରିତ କରିବା ପାଇଁ ରଥରେ ଭୋଇ ସେବକ, ମହାରଣା, ବୈଷୟିକ ଓ ପ୍ରଶାସନିକ ଅଧିକାରୀ ମୁତୟନ ହେବେ ଏବଂ ନବଯୌବନ ଦର୍ଶନ ପୂର୍ବରୁ ମୁଖ୍ୟ ପ୍ରଶାସକ ସୁନିୟନ୍ତ୍ରିତ ରଥଟଣା ପାଇଁ ଆଲୋଚନା କରିବା ପାଇଁ ଅନୁରୋଧ କରାଗଲା । ୧୨ଖଣ୍ଡ ରଥଟଣା ଦଉଡି ଓ ୬ଖଣ୍ଡ ଘେର ଦଉଡି ଓଡ଼ିଶା କତାନିଗମ ଯୋଗାଇଛନ୍ତି ।

*(କାର୍ଯ୍ୟାନୁଷ୍ଠାନ : ଶ୍ରୀ ମନ୍ଦିର ପ୍ରଶାସନ, ପୁରୀ /*

ସୁଦେଷ୍ଣା

*ଆରକ୍ଷୀ ଅଧିକ୍ଷକ, ପୁରୀ/ଜିଲ୍ଲାପାଳ, ପୁରୀ/ ଅଧୀକ୍ଷଣ ଯନ୍ତ୍ରୀ, ପ୍ରତ୍ନତତ୍ତ୍ୱ ବିଭାଗ, ଭୁବନେଶ୍ୱର)*

## ୪. ରଥଖଳା ପରିଷ୍କାର :

କ) ରଥଖଳାରେ ଉଜ୍ଜ୍ୱଳ ବିଦ୍ୟୁତ୍ ବ୍ୟବସ୍ଥା ନିମନ୍ତେ ତାର ସଂଯୋଗ ପାଇଁ ଖୋଳା ଯାଉଥିବା ସ୍ଥାନକୁ ସମତୁଲ କରିବା ପାଇଁ ନିର୍ବାହୀ ଅଧିକାରୀ, ଟିପିସିଓଡିଏଲ୍ ଏବଂ ଜାତୀୟ ରାଜପଥ ଅଧିକାରୀଙ୍କୁ ନର୍ଦ୍ଦେଶ ଦିଆଗଲା । ଏତଦ୍ ବ୍ୟତୀତ ରଥଖଳା ପରିଷ୍କାର ରଖିବା ପାଇଁ ନିର୍ବାହୀ ଅଧିକାରୀ, ପୁରୀ ପୌର ସଂସ୍ଥା ଯତ୍ନ ନେବା ପାଇଁ ନର୍ଦ୍ଦେଶ ଦିଆଗଲା । ରଥଖଳା ପାଖରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏକ ଅସ୍ଥାୟୀ ତମ୍ବୁ ସ୍ଥାପନ କରାଯାଇ ପାନୀୟ ଜଳର ବ୍ୟବସ୍ଥା, ଆମ୍ବୁଲାନ୍ସ ମୁତୟନ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା କରାଯିବ । ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କରିବେ । ରଥଖଳାକୁ ସଠିକ୍‌ଭାବେ ପ୍ରସ୍ତୁତ କରାଯିବ ଯଦ୍ୱାରକି ଯାନବାହନ ଚଳାଚଳରେ କୌଣସି ବ୍ୟାଘାତ ଆସିବ ନାହିଁ ।

ରଥଖଳା ନିକଟରେ ରଥକାଠ ରଖାଯିବା ପାଇଁ ଉପଆରକ୍ଷୀ ଅଧିକ୍ଷକ, ସହରାଞ୍ଚଳ, ପୁରୀ/ ଭାରାପ୍ରାପ୍ତ ନିରିକ୍ଷକ, ସିଂହଦ୍ୱାର ଥାନାଙ୍କ ସହ ପରାମର୍ଶ କରାଯିବ ଯାହା ଫଳରେ ଟ୍ରାଫିକ୍ ବ୍ୟବସ୍ଥାରେ କୌଣସି ଅସୁବିଧା ହେବ ନାହିଁ । ଚଳିତ ବର୍ଷ ରଥଯାତ୍ରା ସମୟରେ ତଥା ୦୧.୦୭.୨୦୨୨ରିଖ ଠାରୁ ତା ୧୩.୦୭.୨୦୨୨ରିଖ ପର୍ଯ୍ୟନ୍ତ ପୁରୀ ପୌରାଞ୍ଚଳ ପରିସର ମଧ୍ୟରେ ଯଦି କୌଣସି ଭକ୍ତ/ଯାତ୍ରୀମାନଙ୍କର କ୍ଷତି ହୁଏ, ସେମାନଙ୍କର କ୍ଷୟକ୍ଷତି ଭରଣ ପାଇଁ ବୀମାଭୁକ୍ତ କରାଯାଇଅଛି ।

*(କାର୍ଯ୍ୟାନୁଷ୍ଠାନ : ଶ୍ରୀ ମନ୍ଦିର ପ୍ରଶାସନ, ପୁରୀ/ ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ/ **TPCODL**/ ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା, ପୁରୀ)*

## ୫- ନୀତି ସମ୍ପାଦନ :

ଆସନ୍ତା ତା ୦୩.୫.୨୦୨୨ ରିଖ ଅକ୍ଷୟତୃତୀୟା ଠାରୁ ଶ୍ରୀଜୀଉମାନଙ୍କର ଚନ୍ଦନ ଯାତ୍ରା ଆରମ୍ଭ ହୋଇଅଛି । ଅନ୍ୟାନ୍ୟ ପର୍ବପର୍ବାଣୀ ଓ ରଥଯାତ୍ରା ନୀତି ନିମ୍ନରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସକ(ଉନ୍ନୟନ) ସୂଚନା ଦେଇଥିଲେ ।

| ପର୍ବ | ତାରିଖ |
|---|---|
| କ. ରାଜେନ୍ଦ୍ରାଭିଷେକ | ତା ୧୦.୦୬.୨୦୨୨ ରିଖ |
| ଖ. ରୁକ୍ମିଣୀ ହରଣ ଏକାଦଶୀ | ତା ୧୧.୦୬.୨୦୨୨ ରିଖ |
| ଗ. ଚମ୍ପକ ଦ୍ୱାଦଶୀ | ତା ୧୨.୦୬.୨୦୨୨ ରିଖ |
| ଘ. ଦଇତାପତି ପ୍ରବେଶ ଓ ଚାରାବନ୍ଧା | ତା ୧୨.୦୬.୨୦୨୨ ରିଖ |

ସ୍ୱାକ୍ଷର

| | |
|---|---|
| ଙ. ସେନାପଟାଲାଗି | ତା ୧୩.୦୬.୨୦୨୨ରିଖ |
| ଚ. ଦେବସ୍ନାନ ପୂର୍ଣ୍ଣିମା | ତା ୧୪.୦୬.୨୦୨୨ ରିଖ |
| ଛ. ଦଶମୀ (ଚକାବିଜେ) | ତା ୨୩.୦୬.୨୦୨୨ ରିଖ |
| ଜ. ଖଳିଲାଗି ଏକାଦଶୀ | ତା ୨୪.୦୬.୨୦୨୨ ରିଖ |
| ଝ. ରାଜପ୍ରସାଦ ବିଜେ ଦ୍ୱାଦଶୀ | ତା ୨୫.୦୬.୨୦୨୨ ରିଖ |
| ଞ. ଘଣାଲାଗି | ତା ୨୬.୦୬.୨୦୨୨ ରିଖ |
| ଟ. ନେତ୍ରୋତ୍ସବ ଓ ନବ ଯୌବନ ଦର୍ଶନ | ତା ୨୯.୦୬.୨୦୨୨ ରିଖ |
| ଠ. ଶ୍ରୀଗୁଣ୍ଡିଚା ଓ ରଥଯାତ୍ରା | ତା ୦୧.୦୭.୨୦୨୨ ରିଖ |
| ଡ. ହେରାପଂଚମୀ | ତା ୦୫.୦୭.୨୦୨୨ ରିଖ |
| ଢ଼. ଦକ୍ଷିଣ ମୋଡ | ତା ୦୬.୦୭.୨୦୨୨ ରିଖ |
| ଣ. ନବମୀ ଓ ସଂଧ୍ୟା ଦର୍ଶନ | ତା ୦୮.୦୭.୨୦୨୨ ରିଖ |
| ତ. ବାହୁଡାଯାତ୍ରା | ତା ୦୯.୦୭.୨୦୨୨ ରିଖ |
| ଥ. ସୁନାବେଶ | ତା ୧୦.୦୭.୨୦୨୨ରିଖ |
| ଦ. ଅଧର ପଣା ନୀତି | ତା ୧୧.୦୭.୨୦୨୨ ରିଖ |
| ଧ. ନିଳାଦ୍ରୀ ବିଜେ | ତା ୧୨.୦୭.୨୦୨୨ ରିଖ |

ଉପରୋକ୍ତ ନୀତି, ଛତିଶା ନିଯୋଗ ପରିଚାଳନା କମିଟିର ବୈଠକରେ ଅନୁମୋଦନ ହେବା ପରେ ପୁସ୍ତକ ଛପାଯାଇ ନିଯୋଗମାନଙ୍କୁ ଯୋଗାଇ ଦିଆଯିବ ବୋଲି ସେ ସୂଚାଇ ଥିଲେ ।

*(କାର୍ଯ୍ୟାନୁଷ୍ଠାନ : ପ୍ରଶାସକ, ଶ୍ରୀ ମନ୍ଦିର ପୁରୀ)*

## ୬. ସ୍ୱାସ୍ଥ୍ୟ ସେବା :

ଚଳିତ ବର୍ଷ ରଥଯାତ୍ରାରେ ପୁରୀ ସହରକୁ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ବିଗତ ବର୍ଷମାନଙ୍କ ଠାରୁ ଅଧିକ ସଂଖ୍ୟାରେ ଯାତ୍ରୀମାନଙ୍କର ସମାଗମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ସେବା ସୁଚାରୁରୂପେ ଯୋଗାଇଦେବା ନିମନ୍ତେ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ନିମ୍ନଲିଖିତ ପନ୍ଥା ଗ୍ରହଣ କରୁଛନ୍ତିବୋଲି ପ୍ରକାଶ କରିଥିଲେ ।

* ପୁରୀ ସହରର ସମସ୍ତ ପାନୀୟ ଜଳ ଉତ୍ସଗୁଡିକର ବିଶୋଧନ କାର୍ଯ୍ୟ ୩ ଗୋଟି ପର୍ଯ୍ୟାୟକ୍ରମେ କରାଯିବ ଏବଂ ଜୁନ୍ ୩୦ ତାରିଖ ୨୦୨୨ ସୁଦ୍ଧା ଏହା ଶେଷ ହେବ ।

* ବଡ଼ଦାଣ୍ଡରେ ଏବଂ ପୁରୀ ସହରର ପାଶ୍ୱବର୍ତ୍ତୀ ଅଞ୍ଚଳରେ ମୋଟ ୧୪ ଗୋଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା କରାଯାଇଛି । ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ **CHC/PHC** ଅଧୀନରେ ଉପଯୁକ୍ତ ସ୍ଥାନରେ ଆଶୁଚିକିତ୍ସା କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା କରାଯାଇଅଛି । ସଭାରେ ଆଲୋଚନା ପରେ ନିଷ୍ପତ୍ତି ନିଆଗଲା ଯେ ଗତ ବର୍ଷ ଯେଉଁ ସ୍ଥାନ ମାନଙ୍କରେ ଆଶୁଚିକିତ୍ସା କେନ୍ଦ୍ର ରହିଥିଲା ଚଳିତବର୍ଷ ସେହି ସ୍ଥାନ ମାନଙ୍କରେ ରହିବ ।

* ୨୧ ଗୋଟି ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଘଠନରୁ ମଧ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟବସ୍ଥା ହେବ ଏବଂ ଏହା ପୋଲିସ ସହାୟତା ଏବଂ ତଦାରଖରେ ଚଳପ୍ରଚଳ କରିବ । ରଥଯାତ୍ରା ସମୟରେ ବହୁଳ ଜନସମାଗମକୁ ଦୃଷ୍ଟିରେ ରଖି ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ଆମ୍ବୁଲାନ୍ସ ଯାତାୟାତ ପାଇଁ ସ୍ୱତନ୍ତ୍ର କରିଡର ବ୍ୟବସ୍ଥା କରାଯିବ ।

* ଚଳିତ ବର୍ଷ ରଥଯାତ୍ରା ନିମିତ୍ତ ପୁରୀ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଡାକ୍ତରଖାନାରେ ୧୧୭ ଗୋଟି ଅତିରିକ୍ତ ଶଯ୍ୟାର ବ୍ୟବସ୍ଥା କରାଯାଇଛି ।

* ସମୁଦାୟ ୨୧୧ଜଣ ଯଥା ବିଶେଷଜ୍ଞ, ଡାକ୍ତର, ଫାର୍ମାସିଷ୍ଟ ଇତ୍ୟାଦି ରଥଯାତ୍ରା ସମୟରେ ମୁତୟନ କରାଯିବ ।

* ଚଳିତ ବର୍ଷ ୨ଗୋଟି ଆଶୁଚିକିତ୍ସା ବିଭାଗ ଦିବାରାତ୍ର କାର୍ଯ୍ୟ କରିବ ।

* ୪ଜଣ ଖାଦ୍ୟ ନିରୀକ୍ଷକ ରଥଯାତ୍ରା ଉପଲକ୍ଷେ ନିୟୋଜିତ ରହି ଖାଦ୍ୟ ପଦାର୍ଥର ମାନ ଯାଞ୍ଚ କରିବେ । କିନ୍ତୁ ସମୁଦ୍ରକୂଳ ତଥା ସ୍ୱର୍ଗଦ୍ୱାର ନିକଟରେ ବିକ୍ରୟ ହେଉଥିବା ଆମିଷ ଖାଦ୍ୟ ପଦାର୍ଥ ଗୁଡିକର ମାନ କଡ଼ାକଡି ଭାବେ ଯାଞ୍ଚ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

* ୪ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ମୁତୟନ କରାଯାଇ ସ୍ନାନପୂର୍ଣ୍ଣିମା, ରଥଯାତ୍ରା ଓ ବାହୁଡାଯାତ୍ରା ସମୟରେ ଖାଦ୍ୟ ଅପମିଶ୍ରଣରେ ତନଖି କରାଯିବାର ବ୍ୟବସ୍ଥା ହୋଇଛି । ସେମାନେ ତା୧୩.୦୬.୨୦୨୧୨ ରିଖରୁ ତା୧୫.୦୬.୨୦୨୨ ରିଖ ଏବଂ ୨୮.୦୬.୨୨ ରିଖ ରୁ ତା୧୨.୦୭.୨୨ ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ । ସଂଧ୍ୟା ୫ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ଖାଦ୍ୟ ନିରାପତ୍ତା ଅଧିକାରି କାର୍ଯ୍ୟ କରିବାକୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ ।

* ୨୦୦ ବୋତଲ ରକ୍ତ ମହଜୁଦ ରଖାଯିବ ।

* ଓ.ଆର୍.ଏସ୍., ହ୍ୟାଲୋଜେନ, ବ୍ଲିଚିଙ୍ଗ ପାଉଡର ଇତ୍ୟାଦିର ବ୍ୟବସ୍ଥା କରାଯାଉଛି ।

* ମୃତ ଶରୀର ଗୁଡ଼ିକ ତୁରନ୍ତ ପ୍ରଦାନ କରିବାକୁ ରାଜସ୍ୱ ଆୟୁକ୍ତ ପରାମର୍ଶ ଦେଇଥିଲେ ।

* ପୁରୀ ସଂକ୍ରାମକ ରୋଗ ଚିକିତ୍ସାଳୟରେ ମଳ ନମୁନା ପରୀକ୍ଷାଗାର ତା୧୪.୦୬.୨୨ରିଖ ରୁ ତା୧୧.୦୭.୨୨ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।

* ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାରରେ ଜଳନମୁନା ବିଶ୍ଳେଷଣଗାର ତା୧୪.୦୬.୨୦୨୨ରିଖ ରୁ ତା୧୩.୦୭.୨୦୨୨ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।

* ସହରର ଜଳନମୁନା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ପୁରୀଙ୍କ ମିଳିତ ଭାବେ ପରୀକ୍ଷା କରି ଏ ସଂକ୍ରାନ୍ତରେ ଏକ ମିଳିତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବାକୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ ।

* ଆବଶ୍ୟକୀୟ ସମସ୍ତ ଡାକ୍ତରଙ୍କୁ ଜୁନ୍ ମାସ ଶେଷ ସୁଦ୍ଧା ପୁରୀ ଜିଲ୍ଲାରେ ମୁତୟନ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ରହିବା ପାଇଁ **CDM & PHO** ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବେ ।

*(କାର୍ଯ୍ୟାନୁଷ୍ଠାନ : ଆରକ୍ଷୀ ଅଧିକ୍ଷକ, ପୁରୀ ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ/ ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ/ ଖାଦ୍ୟ ନିରୀକ୍ଷକ, ପୁରୀ/ଉପଖଣ୍ଡ ଅଧିକାରୀ, ଡି.ଇ.ଜି., ପୁରୀ )*

## ୭. ପରିମଳ ବ୍ୟବସ୍ଥା :

ଚଳିତ ବର୍ଷ ରଥଯାତ୍ରାରେ ଲକ୍ଷାଧିକ ଭକ୍ତ/ଯାତ୍ରୀଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ସହରର ପରିମଳ ବ୍ୟବସ୍ଥାକୁ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ନିର୍ବାହୀ ଅଧିକାରୀ, ପୁରୀ ପୌର ପରିଷଦ ଅଧିକ ଯତ୍ନବାନ ହେବା ପାଇଁ ବୈଠକରେ ରାଜସ୍ୱ ଆୟୁକ୍ତ କଟକ ପରାମର୍ଶ ଦେଇଥିଲେ ।

* ପୁରୀ ସହରର ସମସ୍ତ ଛୋଟ ବଡ଼ ନାଳ ସଫେଇ କାର୍ଯ୍ୟ ଚାଲୁରହିଛି ଏବଂ ଏହା ମେ' ମାସ ଶେଷ ସୁଦ୍ଧା ସରିବ ବୋଲି ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା ପ୍ରତିଶ୍ରୁତି ଦେଇଥିଲେ ।

* ବଡଦାଣ୍ଡର ଉଭୟ ପାର୍ଶ୍ୱ ନାଳ, ବଡ଼ଶଙ୍ଖ, ରେଡ୍‌କ୍ରସ ରୋଡ୍ ଠାରୁ ବାଙ୍କିମୁହାଣ ଗଳି ସଫା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜାଲିଗୁଡିକ ନିୟମିତ ଭାବରେ ସଫା କରାଯିବ ।

* ପୁରୀ ବଡ଼ଦାଣ୍ଡରେ **୧୪** ଗୋଟି ଜାଗାରେ ବର୍ଷାଜଳ ଜମୁଥିବାକୁ ଦୃଷ୍ଟିରେ ରଖି ଅଧିକ ପମ୍ପ ସେଟ୍ ସର୍ବଦା ମୁତୟନ ରହିବ । ପମ୍ପସେଟ୍ ରହୁଥିବା ସମସ୍ତ ସ୍ଥାନରେ କର୍ମଚାରୀ ମୁତୟନ କରାଯିବ । ଉକ୍ତ କାର୍ଯ୍ୟରେ ପୌରସଂସ୍ଥାର **୨**ଜଣ ଅଧିକାରୀ ଦାୟିତ୍ୱରେ ରହିବେ ।

* ପୁରୀ ସହର ତଥା ବଡ଼ଦାଣ୍ଡ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଇତ୍ୟାଦି ସ୍ଥାନକୁ ଦୈନିକ ସଫା ସୁତରା ରଖିବା ନିମନ୍ତେ ଅଧିକ କର୍ମଚାରୀ ମୁତୟନ ବ୍ୟବସ୍ଥା କରିବାକୁ ବୈଠକରେ ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥାଙ୍କୁ ପରାମର୍ଶ ଦିଆଗଲା ।

* ନାଳ ଉପରେ ଥିବା କେତେକ ଜବରଦଖଲକୁ ଉଚ୍ଛେଦ କରି ନାଳ ସଫା କରାଯିବ ଏବଂ ଆବଶ୍ୟକ ଜାଗାରେ ସ୍ଲାବ୍ ପକାଇବା ପାଇଁ ନିର୍ବାହୀ ଅଧିକାରୀ, ପୌରସଂସ୍ଥା ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଗଲା । ଯେଉଁ ଅଞ୍ଚଳ ଅବରୋଧ ମୁକ୍ତ କରାଯାଉଛି ତାହା ଯେପରି ପୁନର୍ବାର ଅବରୋଧ ନହୁଏ ଓ ଏଥିରେ କୌଣସି ତୃଟିବିଚ୍ୟୁତି ନହୁଏ ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜସ୍ୱ ଆୟୁକ୍ତ, କଟକ ପରାମର୍ଶ ଦେଇଥିଲେ ।

* ଶ୍ରୀମନ୍ଦିର ଚତୁଃପାର୍ଶରେ ଥିବା ଉଠାଦୋକାନୀ ଏବଂ ବଡ଼ ଦାଣ୍ଡର ଉଭୟ ପାଶ୍ୱନାଳ ଥିବା ଉଠାଦୋକାନି ମାନଙ୍କୁ ଅପସାରଣ କରାଯିବ । ଏହାର ଅଗ୍ରଗତି ସମ୍ପର୍କରେ ପରବର୍ତ୍ତୀ ବୈଠକରେ ଆଲୋଚନା କରାଯିବ ।

* ପୁରୀ ସହରରେ ସାହି ଗଳି ରାସ୍ତାଗୁଡିକ ପ୍ରତ୍ୟେହ ୨ ଦଫାରେ ସଫା କରିବା ପାଇଁ ଆବଶ୍ୟକୀୟ ସଫେଇ କର୍ମଚାରୀ ମୁତୟନ କରାଯାଇଛି ।

* ଶ୍ରୀମନ୍ଦିର ଚତୁପାର୍ଶ୍ୱ ତଥା ସମୁଦ୍ରକୂଳ ଜାଗାକୁ ଜାଗୃତି ସଂସ୍ଥା ଯେପରି ଭଲ ଭାବରେ ପରିଷ୍କାର ରଖିବେ ତାହା ନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେବାକୁ ବୈଠକରେ ରାଜସ୍ୱ ଆୟୁକ୍ତ ପରାମର୍ଶ ଦେଇଥିଲେ ।

* ଅସ୍ଥାୟୀ ପାଇଖାନାର ବ୍ୟବସ୍ଥା ପୌରସଂସ୍ଥା, ଜନସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ କରିବାକୁ ବୈଠକରେ ପରାମର୍ଶ ଦିଆଗଲା ।

* ଦୋଳମଣ୍ଡପ ସାହି ଛକରୁ ମୋଚିସାହି ଛକ ପର୍ଯ୍ୟନ୍ତ ନାଳ ଏବଂ ପୁରୁଣା ସଦରଥାନା ଛକ ନାଳକୁ ଆଗୁଆ ସଫା କରିବାକୁ ପୌରସଂସ୍ଥା ଅଧିକାରୀଙ୍କୁ ପରାମର୍ଶ ଦିଆଗଲା ।

* ବଡ଼ଦାଣ୍ଡରୁ ଗାଈଗୋରୁମାନଙ୍କୁ ତା୩୦.୦୫.୨୦୨୨ରିଖ ସୁଧା ଅପସାରଣ କରାଯାଇ ଅସ୍ଥାୟୀ କାଞ୍ଜିଆବୁଦାରେ ରଖାଯିବ । ତାଙ୍କର ସ୍ୱାସ୍ଥ୍ୟ, ଖାଦ୍ୟ, ପାନୀୟ ଇତ୍ୟାଦି ଜିଲ୍ଲା ପଶୁଧନ ଅଧିକାରୀ ବ୍ୟବସ୍ଥା କରିବେ ।

*(କାର୍ଯ୍ୟାନୁଷ୍ଠାନ : ନିର୍ବାହୀ ଅଧିକାରୀ , ପୁରୀ
ପୌର ପରିଷଦ/ ପ୍ରଶାସକ ଶ୍ରୀ ମନ୍ଦିର, ପୁରୀ/
ଜିଲ୍ଲା ମୁଖ୍ୟ ପଶୁଚିକିତ୍ସା ଅଧିକାରୀ, ପୁରୀ )*

## ୮. ପାନୀୟ ଜଳ ଯୋଗାଣ :

ସହରର ବିଭିନ୍ନ ସ୍ଥାନରେ ୩୦ଗୋଟି ଜଳପୂର୍ଣ୍ଣ ଟ୍ୟାଙ୍କର ଦ୍ୱାରା ରଥଯାତ୍ରା ସମୟରେ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଜାରି ରହିବ । ସେଥିମଧ୍ୟରୁ ୧୮ଗୋଟି ବଡଦାଣ୍ଡରେ ନିୟୋଜିତ କରାଯିବ । ଏହା ବ୍ୟତୀତ ୩ଗୋଟି ଟ୍ୟାଙ୍କର ଯଥାକ୍ରମେ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରାଙ୍କ ରଥ ପଛେ ପଛେ ରହି ଜଳ ଯୋଗାଣ ଜାରି ରଖିବେ । ଏତଦ୍ ବ୍ୟତୀତ ଆବଶ୍ୟକ ଷ୍ଟାଣ୍ଡ ପୋଷ୍ଟ, ପମ୍ପ ବଡ଼ଦାଣ୍ଡରେ ଲଗାଯିବା ନିମନ୍ତେ ସ୍ଥିର କରାଗଲା । ସହରର ଅବସ୍ଥାପିତ ସମସ୍ତ ପାଇପଲାଇନ, ଷ୍ଟାଣ୍ଡପଏଂଟ ଓ ନଳକୂପଗୁଡିକ ତୁରନ୍ତ ମରାମତି କରିବା ପାଇଁ ଆବଶ୍ୟକ ମତେ ଅସ୍ଥାୟୀ ଭ୍ରାମ୍ୟମାଣ ମରାମତି ଦଳ ଆବଶ୍ୟକ ଯନ୍ତ୍ରପାତି ସହ କାର୍ଯ୍ୟରତ ରହିବେ । ସ୍ପ୍ରେୟାର ସାହାଯ୍ୟରେ ଜଳ ସିଂଚନର ବ୍ୟବସ୍ଥା କରାଯିବ । ପାଣି ଟାଙ୍କି ଓ ଜଳ ଉତ୍ସଗୁଡିକ ସଫା କରାଯିବ । ତାଳବଣିଆ ବସଷ୍ଟାଣ୍ଡରେ ଅସ୍ଥାୟୀ ଆଶ୍ରୟ ସ୍ଥଳ ଏବଂ ପୋଲିସ ରହିବା ସ୍ଥାନରେ ପାନୀୟ ଜଳ ବ୍ୟବସ୍ତା କରାଯିବ । ପାନୀୟ ଜଳ ଯୋଗାଣ ସମ୍ବନ୍ଧେ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯିବା ସହ ଆବଶ୍ୟକ କର୍ମଚାରୀ ମୁତୟନ କରାଯିବ । ସମୁଦ୍ରକୁଳରେ ପାଣିର ବ୍ୟବସ୍ଥାପାଇଁ ପାଇପ୍ ଲାଇନ ବିଛା ଯାଇଥିବାର ଓ ସମଙ୍ଗ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ଭୁପୃଷ୍ଟ ଜଳ ଯୋଗାଇବା ପାଇଁ ଚୂଡାନ୍ତ ବ୍ୟବସ୍ଥା ହୋଇଯାଇଥିବାର ନିର୍ବାହୀଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ପ୍ରକାଶ କରିଥିଲେ । ନୂତନ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ସହରବାସୀଙ୍କୁ ପାନୀୟଜଳ ଯୋଗାଇ ଦେଇ ହେବ ବୋଲି ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ କହିଥିଲେ । ୨୫୦ ଗୋଟି **Shallow Tube well** ରଥଯାତ୍ରା ନିମିତ୍ତ ବସାଯାଇ ଜଳ ଯୋଗାଣର ବ୍ୟବସ୍ଥା କରାଯିବ ।

ସ୍ୱାକ୍ଷର

ରଥ ଯାତ୍ରା ପାଇଁ ୧୪୦ ଗୋଟି ନୂତନ ଅସ୍ଥାୟୀ ନଳକୂପ ପୁରୀ ବଡଦାଣ୍ଡର ବିଭିନ୍ନ ସ୍ଥାନରେ ବସାଯିବ ଓ ସହର ମଧ୍ୟରେ ଥିବା ସମସ୍ତ ୬୦୦ ଗୋଟି ନଳକୂପର ୩ ଗୋଟି ପର୍ଯ୍ୟାୟରେ ବିଶୋଧନ କାର୍ଯ୍ୟ କରାଯିବ ।

ସମ୍ଭାବ୍ୟ ବିଦ୍ୟୁତ କାଟ ସମୟରେ ଚକ୍ରତୀର୍ଥ ଜଳ ଯୋଗାଣ କେନ୍ଦ୍ର, ବଳିଆପଣ୍ଡା ଜଳ ଯୋଗାଣ କେନ୍ଦ୍ର, ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ଓ ଦୋଳବେଦୀ ଠାରେ ୨୪ ଗୋଟି ଜେନେରେଟର ରଖାଯାଇ ନିରବଚ୍ଛିନ୍ନ ଜଳ ଯୋଗାଣ ଜାରି ରଖାଯିବ । ଅଗ୍ନିଶମ ବିଭାଗ ଗାଡ଼ିଦ୍ୱାରା ରଥଯାତ୍ରା, ବାହୁଡ଼ା, ସୁନାବେଶ ଇତ୍ୟାଦି ଦିବସରେ ଜଳ ସିଞ୍ଚନ କରାଯିବ ।

* ପୁରୀ ସହରର ସମସ୍ତ ହୋଟେଲ, ଧର୍ମଶାଳା, କୂପ, ନଳକୂପ ଇତ୍ୟାଦିର ପାଣିର ନମୁନା ପରୀକ୍ଷା କରିବେ

* ରଥଯାତ୍ରାରେ ବିଭିନ୍ନ ସହଯୋଗ ସଂସ୍ଥା ଯୋଗାଉଥିବା ପାଣି ବୋତଲର ମାନ ପରୀକ୍ଷା କରି ପୁରୀ ସହରକୁ ପ୍ରବେଶ ଅନୁମତି ଦେବେ । ସେବାୟତମାନଙ୍କ ପ୍ରାତଃ ସ୍ନାନ ନିମନ୍ତେ ତୋଟା ଗୋପୀନାଥ ଓ ମାର୍କଣ୍ଡ ଜଳଭଣ୍ଡାରରେ ଜଳଯୋଗାଣ ଜାରିକରାଯିବ ।

* ପୁରୀ ସହରର ସମସ୍ତ ହୋଟେଲ, ଧର୍ମଶାଳା, କୂପ, ନଳକୂପ ଇତ୍ୟାଦିର ପାଣିର ନମୁନା ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା । ଉକ୍ତ କାର୍ଯ୍ୟ ତା ୨୦.୬.୨୦୨୨ରିଖରୁ ତା ୧୫.୦୭.୨୦୨୨ରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେବ । ବିଗତ ବର୍ଷମାନଙ୍କ ପରି ବିଭିନ୍ନ କର୍ପୋରେଟ୍ ହାଉସ୍ ମାନଙ୍କ ସହିତ ଯୋଗାଯୋଗ ରଖି ଚଳିତ ବର୍ଷ ରଥଯାତ୍ରା ସମୟରେ ଯେପରି ପିଇବା ପାଣି, ଓଆର୍ଏସ୍, ଗ୍ଲୁକୋଜ୍ ଇତ୍ୟାଦି ଉପଲବ୍ଧ ହୋଇପାରିବ, ସେଥି ନିମନ୍ତେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀଯନ୍ତ୍ରୀ, ପୁରୀଙ୍କୁ ଦାୟିତ୍ୱ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ: ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ, ପୁରୀ/ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପୁରୀ ଲଜିଂହାଉସ ଫଣ୍ଡ, ପୁରୀ)*

## ୯. ବିଦ୍ୟୁତ ଯୋଗାଣ :

କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ, ପୁରୀ ସହରକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସ୍ନାନଯାତ୍ରାଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଯୋଗାଇ ଦେବାର ପ୍ରତିଶୃତି ଦେଇଥିଲେ । ସେ ପ୍ରକାଶ କରିଥିଲେ ଯେ ପୁରୀ ଗ୍ରୀଡ, ସମଙ୍ଗରା, ଶାମୁକା ଗ୍ରୀଡ଼୍‌ରୁ ବିଦ୍ୟୁତ୍ ଯୋଗାଇ ଦିଆଯାଉଛି । ୩୦ ଗୋଟି ଫିଡରରେ ଯୋଗାଣ ଚାଲୁ ରହି ସବୁ ଗ୍ରୀଡ୍ ଷ୍ଟେସନ ସହ ସଂଯୋଗ କରାଯାଇଅଛି । ବର୍ତ୍ତମାନ ପୁରୀ ସହରରେ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଇବାରେ କୌଣସି ସମସ୍ୟା ନାହିଁ । ୬ଗୋଟି ପ୍ରାଇମ୍ ସବ-ଷ୍ଟେସନର ମରାମତି କାର୍ଯ୍ୟ ତା୩୦.୦୫.୨୦୨୨ରିଖରେ ଶେଷ ହେବ । ରଥଯାତ୍ରା ସମୟେ କୌଣସି ମତେ ବିଦ୍ୟୁତ୍ କାଟ କରାଯିବ ନାହିଁ ବୋଲି ଅଧକ୍ଷ କଡା ନିର୍ଦ୍ଦେଶ ଦେଇଥିଲେ । ନାଲ୍‌କୋ ସଂସ୍ଥା ପୂର୍ବବର୍ଷ ପରି ଜେନେରେଟର ସେଟ୍ ଯୋଗାଇଦେବାକୁ ଅନୁରୋଧ କରାଯିବ ।



ମୁଦ୍ରିତ

ରଥଟଣା ସମୟରେ ଜନସମାଗମକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ରଥର ସମ୍ମୁଖ ଓ ପଶ୍ଚାତ୍ ଭାଗରେ ଜେନରେଟର ସାହାଯ୍ୟରେ ବିଦ୍ୟୁତ୍ ଯୋଗାଣ ଜାରି ରଖାଯିବ । ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ସୁନାବେଶ ଓ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ଶ୍ରୀ ଜୀଉ ମାନଙ୍କ ରଥ ଗୁଡିକ ପର୍ଯ୍ୟାପ୍ତ ଭାବେ ଆଲୋକିତ କରିବା ପାଇଁ ସୁବନ୍ଦୋବସ୍ତ କରାଯିବ । ୪ଗୋଟି **Volvo Generator Set,** ୧୧୫ ଗୋଟି ଡି.ଜି. ସେଟ୍, ୧୫ ଗୋଟି ମିନିଟ୍ରକରେ ଜେନେରେଟର ରଖାଯାଇ ବଡ଼ଦାଣ୍ଡ, ରଥ, ଶ୍ରୀମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିରକୁ ଆଲୋକିତ କରାଯିବ । ୪୦ ଜଣ ଅଧିକାରୀ ଓ ୧୦୦ ଜଣ କର୍ମଚାରୀ ମରାମତି କାର୍ଯ୍ୟ ପାଇଁ ମୁତୟନ ରହିବେ ।

*(କାର୍ଯ୍ୟାନୁଷ୍ଠାନ: ନିର୍ବାହୀ ଅଧିକାରୀ,*
*ପୁରୀ ପୌରସଂସ୍ଥା, ପୁରୀ /ଡି.ଜି.ଏମ୍ /ନିର୍ବାହୀଯନ୍ତ୍ରୀ **TPCODL**)*

## ୧୦. (କ) ପରିବହନ ବ୍ୟବସ୍ଥା :

ଶ୍ରୀ ଶ୍ରୀ ଜିଉମାନଙ୍କର ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ଦେଖିବା ଲାଗି ଲକ୍ଷାଧିକ ଯାତ୍ରୀଙ୍କ ଆଗମନ ଦୃଷ୍ଟିରୁ ସେମାନଙ୍କୁ ବସ୍ ସୁବିଧା ଯୋଗାଇ ଦେବା, ଭଡା ବୃଦ୍ଧିକୁ ରୋକିବା ଓ ଅତ୍ୟଧିକ ଯାତ୍ରୀ ପରିବହନକୁ ନିୟନ୍ତ୍ରଣ ନିମନ୍ତେ ପରିବହନ ଅଧିକାରୀ, ପୁରୀ ବିହିତ ପଦକ୍ଷେପ ଗ୍ରହଣ କରିବେ ।

୧. ଅଧିକ ଯାତ୍ରୀ ପରିବହନ ନିମନ୍ତେ ଅଧିକ ସଂଖ୍ୟକ ବସ୍ ଚଳାଚଳର ବ୍ୟବସ୍ଥା କରାଯିବ । ଏଥିପାଇଁ କଟକ - ଭୁବନେଶ୍ୱର-ପୁରୀ ମଧ୍ୟରେ ସ୍ୱତନ୍ତ୍ର ବସ ଚଳାଚଳର ଅନୁମତି ଦିଆଯିବାକୁ ରାଜ୍ୟ ପରିବହନ ଆୟୁକ୍ତଙ୍କୁ ଅନୁରୋଧ କରାଯିବ ।

୨. ସମ୍ଭାବ୍ୟ ଦୁର୍ଘଟଣାଜନିତ ଅସୁବିଧାର ମୁକାବିଲା ପାଇଁ ୪ଗୋଟି ଇଂଟର ସେପ୍ଟର ଓ ୨ ଗୋଟି କ୍ରେନ୍ ସ୍ନାନ ପୂର୍ଣ୍ଣିମା ନିମନ୍ତେ ଓ ୪ ଗୋଟି କ୍ରେନ୍ ରଥଯାତ୍ରା ନିମନ୍ତେ ମହଜୁଦ୍ ରଖିବା ବ୍ୟବସ୍ଥା କରାଯିବ ।

୩. ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ତାଳବଣିଆରେ ସୂଚନା ସେବାର ବ୍ୟବସ୍ଥା କରାଯିବ ଓ ସାମୟିକ ଆଶ୍ରୟସ୍ଥଳୀ ତିଆରି କରାଯିବ ।

୪. ଯାନଗୁଡିକର ଗତି ନିୟନ୍ତ୍ରଣ ପାଇଁ ନିୟନ୍ତ୍ରଣ କକ୍ଷ ଓ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ବ୍ୟବସ୍ଥା ।

୫. ତାଳବଣିଆ ଓ ମାଳତୀପାଟପୁର ବସଷ୍ଟାଣ୍ଡରେ ଦିବାରାତ୍ରି ଆବଶ୍ୟକ ସଂଖ୍ୟକ କର୍ମଚାରୀ ମୁତୟନ କରାଯିବ ।

୬. ରଥଯାତ୍ରା ସମୟରେ ଅଟୋରିକ୍ସା ଗୁଡିକ କେତେ ବାଟ ଯିବେ ତାହାର ସୀମା ନିର୍ଦ୍ଧାରଣ ନିମିତ୍ତ ଅଟୋଚାଳକ ସଂଘ ସହ ଏକ ବୈଠକ ଆରକ୍ଷୀ ଅଧିକ୍ଷକ, ପୁରୀଙ୍କ ଅଧ୍ୟକ୍ଷତାରେ କରାଯିବ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ସମସ୍ତ ଅଟୋରିକ୍ସାର ତାଲିକା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରିବେ । ଅଟୋ ରିକ୍ସା ଚାଳକମାନେ ଯେପରି ଯାତ୍ରୀମାନଙ୍କ ଠାରୁ ଅଧିକ ଭଡା, ଦୁଃବ୍ୟବହାର, ଶୋଷଣ ନ କରନ୍ତି ସେ ସମ୍ବନ୍ଧରେ ପରିବହନ ଅଧିକାରୀ ବିହିତ ହେବେ ।

୭. ଭିନ୍ନକ୍ଷମମାନଙ୍କ ପାଇଁ ଜଗନ୍ନାଥ ବଲ୍ଲଭଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ E.Auto Riekshaw *ର ବ୍ୟବସ୍ଥା* Dist-Social Society Officer ବ୍ୟବସ୍ଥା କରିବେ । ଉକ୍ତ କାର୍ଯ୍ୟ ପ୍ରତିବର୍ଷପରି କରାଯିବା ପାଇଁ ବୈଠକରେ ସ୍ଥିର କରାଗଲା ।

ସ୍ୱାକ୍ଷର

୮. ରଥଯାତ୍ରା ଓ ସୁନାବେଶ ଦିନ ଭି.ଆଇ.ପି. ତଥା ଉଚ୍ଚ ପଦାଧିକାରୀମାନଙ୍କ ଯାତାୟତ ପାଇଁ ୨୦ଟି ବେଟେରୀ ଚାଳିତ ଅଟୋର ବ୍ୟବସ୍ଥା ଆଞ୍ଚଳିକ ପରିବହନ ଅଧିକାରୀ କରିବେ । ଆବଶ୍ୟକ ଅର୍ଥ ପାଇଁ ପରିବହନ ବିଭାଗକୁ ଅନୁରୋଧ କରିବେ ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧୀକ୍ଷକ, ପୁରୀ / ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, ପୁରୀ/ ଆଞ୍ଚଳିକ ପରିବହନ ଅଧିକାରୀ, ପୁରୀ)*

## (ଖ) ରେଳଦ୍ୱାରା ଗମନାଗମନ ବ୍ୟବସ୍ଥା :

ପୂର୍ବବର୍ଷ ଭଳି ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଅଧିକ ଯାତ୍ରୀ ପରିବହନକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଆବଶ୍ୟକ ଅନୁସାରେ ଅତିରିକ୍ତ ରେଳଗାଡ଼ିର ବ୍ୟବସ୍ଥା କରିବେ । ଷ୍ଟେସନ୍ ମାନଙ୍କରେ ପରିମଳ, ଉଜ୍ଜ୍ୱଳ ଆଲୋକ, ପାନୀୟ ଜଳ, ପାଇଖାନା ଓ ପରିଶ୍ରାଗାର ଆଦିର ବ୍ୟବସ୍ଥା କରିବେ । ରେଳଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ଆରକ୍ଷୀ ବାହିନୀ ମୁତୟନ କରିବେ । ଯାତ୍ରୀମାନଙ୍କୁ ଅଯଥା ଲୁଟ୍‌ତରାଜରୁ ରକ୍ଷା ଓ ସଚେତନ ନିମନ୍ତେ ପ୍ରତ୍ୟେକ ଷ୍ଟେସନରେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭଷାରେ ସୂଚନା ଦେବାର ବ୍ୟବସ୍ଥା କରାଯିବ । ରଥଟଣା ଓ ରଥ ଅବସ୍ଥାନ ପରେ ମୋଡ଼ ନିମନ୍ତେ ରେଲୱେ ଜ୍ୟାକ୍ ସହ ଅଭିଜ୍ଞ କର୍ମଚାରୀଙ୍କୁ ନିୟୋଜିତ କରିବେ । ଅଧିକ ୩୫ଗୋଟି ଟିକେଟ ବୁକିଂ ଓ ଅନ୍ୟ ଷ୍ଟେସନ ପାଇଁ ୨୮ଟି କାଉଣ୍ଟରର ବ୍ୟବସ୍ଥା କରିବେ । ରେଳ ଚଳାଚଳ ସମୟସୂଚୀ ପ୍ରତ୍ୟେକ ରେଳ ଷ୍ଟେସନ୍‌ରେ, ସିଂହଦ୍ୱାର ନିକଟରେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ଲାଗାଇବା ବ୍ୟବସ୍ଥା କରାଯିବ । ୫ଗୋଟି ଇନ୍‌କ୍ୱାରୀ କାଉଣ୍ଟର ଓ ୪ଗୋଟି ମ୍ୟାପ୍ ଖୋଲାଯିବ । ଯାତ୍ରୀମାନଙ୍କୁ ସଚେତନ ନିମନ୍ତେ ପୁରୀ ଓ ପାଟପୁର ଠାରେ 'ହେଲ୍ ୟୁ' ସାଇନ୍‌ବୋର୍ଡ ଲଗାହେବ । ସିସିଟିଭି, ମେଣ୍ଟାଲ୍ ଡିଟେକ୍ଟର ଇତ୍ୟାଦି ମୁତୟନ ରହିବେ ।

*(କାର୍ଯ୍ୟାନୁଷ୍ଠାନ: ଡିଭିଜିନାଲ ମ୍ୟାନେଜର, ରେଲୱେ, ଖୋର୍ଦ୍ଧା/ ଷ୍ଟେସନ ମ୍ୟାନେଜର, ପୁରୀ ରେଳଷ୍ଟେସନ ମାଜିଷ୍ଟ୍ରେଟ୍, ଲଜିଂହାଉସ ଫଣ୍ଡ,ପୁରୀ)*

## ୧୧. ରାସ୍ତାଘାଟ ମରାମତି :

ଚଳିତ ବର୍ଷ ରଥଯାତ୍ରା ପୁରୀ ମ୍ୟୁନିସିପାଲଟି, ଜାତୀୟ ରାଜପଥ ଓ ପୂର୍ତ୍ତବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିଜ ନିଜ ରାସ୍ତା ଗୁଡିକୁ ଯାଞ୍ଚ କରିବେ ଏବଂ ଆବଶ୍ୟକ ସ୍ଥଳେ ମରାମତି କରି ସଡ଼କପଥକୁ ସୁଗମ କରିବା ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପରାମର୍ଶ ଦେଇଥିଲେ । । । ବୈଠକରେ ଉପସ୍ଥିତ **NHAI** ପ୍ରତିନିଧି ପ୍ରତିଶ୍ରୁତି ଦେଇଥିଲେ ଯେ ଭୁବନେଶ୍ୱରରୁ ପୁରୀ ବାଇପାସ୍ ରାସ୍ତାର ଅବଶିଷ୍ଟ କାର୍ଯ୍ୟ ଯଥା- ବୀରହରେକୃଷ୍ଣପୁର ଠାରୁ ମଙ୍ଗଳାଘାଟ ଇତ୍ୟାଦି ରାସ୍ତା କାର୍ଯ୍ୟ ରଥଯାତ୍ରାର ପୂର୍ବରୁ ଗାଡ଼ିଚଳାଚଳ ଉପଯୋଗୀ କରିବେ । **NHAI** ରାସ୍ତାରେ **Safety \ Security** ପାଇଁ Signage ଲଗାଇବେ । ଜାତୀୟ ରାଜପଥରୁ ମୃତ ପଶୁ ଯଥା କୁକୁର ଇତ୍ୟାଦିଙ୍କୁ ତୁରନ୍ତ ଅପସାରଣ ଏବଂ **NHAI** ର ଏକ ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ କରିବାକୁ ବୈଠକରେ **P.D. NHAI** ଙ୍କୁ ପରାମର୍ଶ ଦିଆଗଲା ।

ଡାକ୍ତରଖାନାଛକ - ସୁବାଷବୋଷ ଛକ, **PKDA** ଛକ-ଆଚାର୍ଯ୍ୟ ହରିହରଛକ, ରାମମନ୍ଦିର - ହେଲିପ୍ୟାଡ ଛକ, ଆଚାର୍ଯ୍ୟ ହରିହରଛକ, ପ୍ରୀତି ହୋଟେଲ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ତା ୧୫.୦୬.୨୦୨୨ରିଖ ସୁଧା ପୂର୍ତ୍ତବିଭାଗ ଶେଷ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଗଲା ।

ପୁରୀ ପୌରସଂସ୍ଥା ଅଧିନରେ ଥିବା ରାସ୍ତାଗୁଡିକ ଠିକ୍ ଭାବରେ ଯାଞ୍ଚ କରି ଆବଶ୍ୟକ ମରାମତି କରିବେ ଏବଂ ଉକ୍ତ କାର୍ଯ୍ୟ ତା **୧୫.୦୬.୨୦୨୨**ରିଖ ସୁଧା ଶେଷ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ନିର୍ବାହୀଯନ୍ତ୍ରୀ, ଜାତୀୟ ରାଜପଥ ସିଂହଦ୍ୱାର ଠାରୁ ଶ୍ରୀଗୁଣ୍ଡିଚାମନ୍ଦିର ପର୍ଯ୍ୟନ୍ତ ବଡଦାଣ୍ଡ ରାସ୍ତାକୁ **୧୦.୬.୨୦୨୨**ରିଖ ସୁଧା ଆବଶ୍ୟକ ମରାମତି କାର୍ଯ୍ୟ ସମାପ୍ତ କରିବେ ଏବଂ ଧଳା ଏନାମେଲ୍ ରଙ୍ଗ ଲଗାଇବେ । ଏତତ୍ ବ୍ୟତୀତ ସିଂହଦ୍ୱାର ପାଖ ରଥ ରହିବା ସ୍ଥାନକୁ ମଧ୍ୟ ଧଳା ଏନାମେଲରେ ନିରୂପିତ କରିବେ ।

*(କାର୍ଯ୍ୟାନୁଷ୍ଠାନ:* **P.D. NHAI, BBSR,** *ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ, ଭୁବନେଶ୍ୱର, ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା ଗୃହ ଓ ପୂର୍ତ୍ତବିଭାଗ)*

## ୧୨. ପାର୍କିଂ ବ୍ୟବସ୍ଥା

ରଥଯାତ୍ରା ସମୟରେ ଅଧିକ ଯାତ୍ରୀବାହି ୨ଚକିଆ, ୪ଚକିଆ ଯାନର ଆଗମନକୁ ଦୃଷ୍ଟିରେ ରଖି ଗାଡି ଗୁଡିକର ପାର୍କିଂ ନିମନ୍ତେ ବିହିତ ବ୍ୟବସ୍ଥା ଏବଂ ସୁଗତିଶୀଳତା ଯୋଜନା ପ୍ରସ୍ତୁତ କରିବା ପାଇଁ ଆରକ୍ଷୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ, ପୌରସଂସ୍ଥା ଓ ଅଧିକ୍ଷକ ଯନ୍ତ୍ରୀ, ପୂର୍ତ୍ତ ବିଭାଗକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ପରାମର୍ଶ ଦେଇଥିଲେ । ମାଳତୀପାଟପୁର ବସ୍‌ଷ୍ଟାଣ୍ଡରେ ଭାରିଯାନ ଗୁଡିକର ପାର୍କିଂ ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ କରାଯିବ । ପାର୍କିଂ ଯାଗା ଗୁଡିକରେ ଉନ୍ନୟନ ମୂଳକ କାର୍ଯ୍ୟ ପୌରସଂସ୍ଥା ଅଧିକାରୀ ମେ ମାସ ଶେଷ ସୁଧା ସମାପ୍ତ କରିବେ । ନିର୍ବାହ ଯନ୍ତ୍ରୀ, ରାସ୍ତା ଓଗୃହ, ପୁରୀ ତାଳବଣିଆ, ଭୁଦାନପାର୍କିଂ ଉପଯୋଗି କରିବେ ।ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ପୁରୀ ମ୍ୟୁନିସିପାଲିଟି ବସଷ୍ଟାଣ୍ଡ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଅଗଲା । ରଥ ନିର୍ମାଣ ଏବଂ ଯାତ୍ରା ସମୟରେ ବଡ଼ ଦାଣ୍ଡରେ ଥିବା ମାର୍କେଟ କମ୍ପ୍ଲେକ୍ସ ଗୁଡ଼ିକ ସାମନାରେ ଗାଡ଼ି ପାର୍କିଂ ହୋଇଥିବାରୁ ଜନସାଧାରଣଙ୍କ ଗମନାଗମନ ଅସୁବିଧା ହେଉଅଛି । ତେଣୁ ରାଜସ୍ୱ ଆୟୁକ୍ତ ପି.କେ.ଡ଼ି.ଏ ଅଧିକାରିଙ୍କୁ ସଂପୃକ୍ତ ମାର୍କେଟ କମ୍ପ୍ଲେକ୍ସ ଗୁଡ଼ିକ ଉପରେ ତୁରନ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ବେନିୟମଭାବେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକ **PKDA** ଅଧିକାରୀଙ୍କୁ ରାଜସ୍ୱ ଆୟୁକ୍ତ ପରାମର୍ଶ ଦେଇଥିଲେ ।

*(କାର୍ଯ୍ୟନୁଷ୍ଠାନ - ନିର୍ବାହୀ ଅଧିକାରୀ, ପୁରୀ /ନିର୍ବାହୀ ଅଧିକାର, ପୁରୀ / ପୁରୀ ପୌରସଂସ୍ଥା / ଆଞ୍ଚଳିକ ପରିବହନ ଅଧିକାରୀ, ସଚିବ, ପିକେ ଡ଼ି.ଏ ପୁରୀ)*

## ୧୩. ଶାନ୍ତି ଶୃଙ୍ଖଳା ରକ୍ଷା :

ବିଗତ ବର୍ଷଭଳି ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା , ନବଯୌବନ ଦର୍ଶନ, ଶ୍ରୀ ଗୁଣ୍ଡିଚା ଯାତ୍ରା, ସଂଧ୍ୟା ଦର୍ଶନ, ବାହୁଡା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେ ଇତ୍ୟାଦି ମୁଖ୍ୟ ପର୍ବରେ ଆରକ୍ଷୀ ବନ୍ଦୋବସ୍ତ କରାଯାଉଥିବା ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଥିଲେ । ଶ୍ରୀ ଜୀଉଙ୍କର ତିନିଗୋଟି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ରହିଲା ପରେ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରିବା ପାଇଁ ଆରକ୍ଷୀ ଅଧିକ୍ଷକପ୍ରତିଶୃତି ଦେଇଥିଲେ ।

ରଥଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ୬୫ ପ୍ଲାଟୁନ୍ ଫୋର୍ସ ମୁତୟନ ସହିତ ନିମ୍ନଲିଖିତ ବ୍ୟବସ୍ଥା ଗୁଡିକ ଗ୍ରହଣ କରାଯିବ ।

କ) ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିରର ସୁରକ୍ଷା ନିମନ୍ତେ ଶ୍ରୀ ମନ୍ଦିର , ଗୁଣ୍ଡିଚା ମନ୍ଦିର ଏବଂ ବଡଦାଣ୍ଡରେ ଥିବା ସି.ସି. ଟିଭି କ୍ୟାମେରା ମାଧ୍ୟମରେ ଅପରାଧ ନିୟନ୍ତ୍ରଣ କରାଯିବ ।

ଖ) ଯାତ୍ରୀ ମାନଙ୍କ ସୁରକ୍ଷା ବ୍ୟବସ୍ଥା, ଯାତ୍ରା ଦିନମାନଙ୍କରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ସଂକୀର୍ତ୍ତନ ଦଳକୁ ମରିଚି କୋଟ ଛକ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ପ୍ରବେଶ ଅନୁମତି ଦିଆଯିବ ନାହିଁ ।

ଘ) ଶ୍ରୀ ମନ୍ଦିର ଚତୁଃପାର୍ଶ୍ୱରେ ଥିବା କେବିନ୍ ଓ ଉଠା ଦୋକାନୀ ମାନଙ୍କୁ ଉଚ୍ଛେଦ କରାଯାଇ ଅବରୋଧ ମୁକ୍ତ କରାଯିବ ଏବଂ ନକଲି ଜୋତା ଷ୍ଟାଣ୍ଡ, ମୋବାଇଲ ଷ୍ଟାଣ୍ଡ, ଯାନବାହନ ରଖିବା ଷ୍ଟାଣ୍ଡକୁ ଚେକ୍ କରିବା ପାଇଁ ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରାଯାଇଥିଲା ।

ଙ) ଦୁର୍ଘଟଣାଗ୍ରସ୍ତ ଯାନ ଗୁଡିକର ତୁରନ୍ତ ଅପସାରଣ ନିମନ୍ତେ କ୍ରେନ ଓ ଟ୍ରାକ୍ଟର ବ୍ୟବସ୍ଥା ।

ଚ) କର୍ତ୍ତନ ପାଖରେ ଲୋକ ଜନସମାଗମ ହେଉଥିବାରୁ କୌଣସି ଅଘଟଣ/ ଦୁର୍ଘଟଣାକୁ ଏଡାଇବା ପାଇଁ ଦୋଳବେଦୀ ପର୍ଯ୍ୟନ୍ତ ଏକ **escape route** କରାଯିବ ।

ଝ) ଆରକ୍ଷୀ ଅଧିକ୍ଷକ ଜଣାଇଲେ ଯେ ଚଳିତବର୍ଷ ରଥଯାତ୍ରା ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ସହ ଉନ୍ନତ ପାର୍କିଂ ବ୍ୟବସ୍ଥା କରାଯିବ ।

ଞ) ଶବ ନେଇ ଯାଉଥିବା କୌଣସି ଗାଡି ବା ଆମ୍ବୁଲାନ୍ସ ସିଂହଦ୍ୱାର ଦେଇ ନେଇ ଯାଇପାରିବେ ନାହିଁ ଏବଂ ସେହି ଗାଡିଗୁଡିକ **V.I.P** ରୋଡ ଦେଇ ସ୍ୱର୍ଗଦ୍ୱାର ଯିବେ ।

ଟ) ରଥଯାତ୍ରା, ସୁନାବେଶ ସମୟରେ ଆସୁଥିବା **V.I.P** ଗାଡି ଗୁଡିକର ପାର୍କିଂ ପାଇଁ ସୁବ୍ୟବସ୍ଥା କରିବା ନିମନ୍ତେ ଆରକ୍ଷୀ ଅଧିକ୍ଷକଙ୍କୁ ପରାମର୍ଶ ଦିଆଯାଇଥିଲା ।

ଠ) ରଥଯାତ୍ରା ସମୟରେ ରହିବା ନିମନ୍ତେ ଆରକ୍ଷୀ ବାହିନୀମାନଙ୍କ ଆବଶ୍ୟକ ସ୍କୁଲ, ପାଠାଗାର ଇତ୍ୟାଦିର ତାଲିକା ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି କରାଗଲା ।

ଡ) ସମୁଦ୍ରତଟ ସୁରକ୍ଷା ନିମିତ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

ଢ଼)ଆବଶ୍ୟକୀୟ **Temporary outpost** ପୁରୀ ସହର ମଧ୍ୟରେ କାର୍ଯ୍ୟକ୍ଷମ ହେବ ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/*
*ନିର୍ବାହୀ ଅଧିକାରୀ ପୁରୀ ପୌରସଂସ୍ଥା)*

## ୧୪. ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ :

- ରଥଯାତ୍ରା ସମୟରେ ଯାତ୍ରୀ ମାନଙ୍କୁ ଓ ସହରର ଖାଉଟି ମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଦ୍ରବ୍ୟ ମହଜୁଦ୍ ରଖି ସୁବଣ୍ଟନ ବ୍ୟବସ୍ଥାର ତଦାରଖ କରିବା ନିମନ୍ତେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା ଏବଂ ତାହା ୩୦.୦୬.୨୦୨୨ରିଖ ରାତ୍ରି ୧୧ଘଣ୍ଟା ଭିତରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବହନ ଚଳାଚଳ କରିବେ ।
- ସମସ୍ତ ପେଟ୍ରୋଲ୍ ପମ୍ପଗୁଡିକୁ ଯାତ୍ରା ଦିବସମାନଙ୍କରେ ଅହୋରାତ୍ର ଖୋଲାରହିବ ଏବଂ ସେଠାରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ପ୍ରୋତ୍ସାହିତ କରାଯିବ ଏବଂ ଅପମିଶ୍ରଣ ନିରାକରଣ ନିମନ୍ତେ ନିୟମିତ

ବ୍ୟବଧାନରେ ଯାଞ୍ଚକାରୀ ଦଳ ତନଖି କରିବେ ।

- **Enforcement Squad** ଗଠନ କରି ଦରଦାମ୍ ବୃଦ୍ଧି ରୋକିବା ସହ ଅପମିଶ୍ରଣ ନିରାକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବୈଠକରେ ଜିଲ୍ଲାଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ: ଜିଲ୍ଲା ଯୋଗାଣ ଅଧିକାରୀଳ ପୁରୀ)*

**(ଖ) ଜାଳେଣୀ କାଠ:** ଓଡ଼ିଶା ବନବିଭାଗ ତରଫରୁ ପୁରୀ ସହରରେ ଜାଳେଣୀକାଠ ଓ ସ୍ୱର୍ଗଦ୍ୱାର ନିମନ୍ତେ ଯଥେଷ୍ଟ ପରିମାଣର କାଠ ମହଜୁଦ୍ କରାଯିବ । ଦକ୍ଷିଣଦ୍ୱାରରେ **OFDC** ତରଫରୁ କାଠଗୋଲା **(DEPOT)** ବସାଯିବା ପାଇଁ ବୈଠକରେ ସ୍ଥିର କରାଗଲା । ଯଦି ଶ୍ରୀମନ୍ଦିର ପାଖରେ ଉପଯୁକ୍ତ ଜାଗା ଉପଲବ୍ଧ ନହୁଏ ତେବେ ତାହା **Agency** ମାଧ୍ୟମରେ କରାଯିବା ପାଇଁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

*(କାର୍ଯ୍ୟାନୁଷ୍ଠାନ: ଡିଭିଜିନାଲ ମ୍ୟାନେଜର, ବନବିଭାଗ, ପୁରୀ)*

## ୧୫. ଟେଲିଫୋନ୍ ସେବା

ଚଳିତ ବର୍ଷ ରଥଯାତ୍ରାକୁ ଅତ୍ୟଧିକ ଯାତ୍ରୀଙ୍କର ସମାଗମକୁ ଦୃଷ୍ଟିରେ ରଖି ଉତ୍ତମ ତାର ସେବା ଯୋଗାଇ ଦେବା ନିମନ୍ତେ ବଡଦାଣ୍ଡରେ ନୂତନ ଟାୱାର ବସାଯାଉଛି ଆଉ ନେଟ୍‌ୱର୍କ ଅସୁବିଧା ହେବ ନାହିଁ ବୋଲି ଟେଲିଫୋନ୍ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ । ରଥଯାତ୍ରା ସମୟରେ ମୋବାଇଲ ଟେଲିଫୋନ୍‌ର ବିନା ବାଧା କାର୍ଯ୍ୟକ୍ଷମ ନିମନ୍ତେ ପଦକ୍ଷେପ ନେବେ ବୋଲି ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

*(କାର୍ଯ୍ୟାନୁଷ୍ଠାନ : ଡିଭିଜନାଲ୍ ମ୍ୟାନେଜର, ଦୂରଭାଷ)*

## ୧୬. (କ) ସୂଚନା ଓ ପ୍ରସାର ବ୍ୟବସ୍ଥା

- ରଥଯାତ୍ରା ସମୟରେ ସୂଚନା ଓ ଲୋକ ସଂପର୍କ ବିଭାଗ ଓ  ତରଫରୁ ସଂପୃକ୍ତ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରାଯିବ ।
- ଭୁବନେଶ୍ୱର ଦୂରଦର୍ଶନ ସଂସ୍ଥା ଓ କଟକ ଆକାଶବାଣୀ ସଂସ୍ଥା ଦ୍ୱାରା ଚଳିତ ବର୍ଷ ରଥଯାତ୍ରାର ଧାରା ବିବରଣୀ ପ୍ରସାର ଓ ପ୍ରଚାର ବ୍ୟବସ୍ଥା କରାଯାଉଛି । ସେମାନେ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗାଯୋଗ କରି ବିଗତ ବର୍ଷ ପରି କାର୍ଯ୍ୟ କରିବେ ।
- ଅନ୍ୟାନ୍ୟ ଗଣମାଧ୍ୟମରେ ସୂଚନା ପ୍ରସାରଣ ସେବା ଯୋଗାଇ ଦିଆଯିବା ସମ୍ବନ୍ଧରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ।
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ **୧୧** ଗୋଟି ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନର ବ୍ୟବସ୍ଥା କରାଯିବା ସହିତ ପାର୍କିଂସ୍ଥାନ ଇତ୍ୟାଦି ପ୍ରମୁଖ ସ୍ଥାନରେ ସୂଚନା କେନ୍ଦ୍ର ଖୋଲାଯିବ ।
- ଯାତ୍ରୀମାନଙ୍କର ମନୋରଞ୍ଜନ ନିମନ୍ତେ ପ୍ରତ୍ୟେକ ସନ୍ଧ୍ୟାରେ ସମସ୍ତ ସୂଚନା କେନ୍ଦ୍ରରେ ପାଲା, ଦାଶକାଠିଆ, ଘୋଡାନାଚ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମମାନ ପର୍ଯ୍ୟବେକ୍ଷଣ ସଂସ୍କୃତି ଅଧିକାରୀଙ୍କ ତତ୍ତ୍ୱାବଧାନରେ କରାଯିବ ।
- ଉତ୍କଳ ପ୍ରସଙ୍ଗ / ଓଡ଼ିଶା ରିଭ୍ୟୁ / ଜଗନ୍ନାଥ ଜଣାଣ ଓ ଓଡ଼ିଶା ରେଫରେନ୍ସ ଆନୁଆଲ ପୁସ୍ତକ ବିକ୍ରୟ ଏବଂ ରଥଯାତ୍ରା ଗାଇଡ୍ ବୁକ୍ ଓ ଲିଫ୍‌ଲେଟ୍ ମାଗଣାରେ ବଣ୍ଟନର ବ୍ୟବସ୍ଥା କରାଯିବ ।

- ଭଜନ ଓ ପ୍ରବଚନ ପରିବେଷଣର ବ୍ୟବସ୍ଥା କରାଯିବ ।
- ଏତଦ୍‌ବ୍ୟତୀତ ରଥଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ ସିଧାପ୍ରସାରଣ ନିମିତ୍ତ ସଂସ୍ଥାଗୁଡିକ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଅଧିନରେ ଦରଖାସ୍ତ କରିବେ ।

*(କାର୍ଯ୍ୟାନୁଷ୍ଠାନ: ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପୁରୀ)*

**(ଖ) ପର୍ଯ୍ୟଟନ :**

ଚଳିତ ବର୍ଷ ରଥଯାତ୍ରା ସମୟରେ ମାଳତୀପାଟପୁର, ଶରଧାବାଲି ଓ ତାଳବଣିଆ, ରେଳଷ୍ଟେସନ, ମହୋଦଧି ନିବାସ, ପାନ୍ଥନିବାସ ଠାରେ ପର୍ଯ୍ୟଟନ ବିଭାଗ ତରଫରୁ ୬ଗୋଟି ସୂଚନା କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ **O.T.D.C.** ତରଫରୁ **Special Tour Package** ସମ୍ବଲପୁର ଓ ଭୁବନେଶ୍ୱରରୁ କୋଣାର୍କ-ପୁରୀ ପର୍ଯ୍ୟନ୍ତ ପରିଭ୍ରମଣ ବ୍ୟବସ୍ଥା କରାଯିବ । ୩୦୫ ଲାଇଫ୍ ଗାର୍ଡଙ୍କ ପାଇଁ ପୋଷାକ ଯୋଗାଇ ଦିଆଯାଇ ସମୁଦ୍ରକୂଳ ଅଞ୍ଚଳରେ ମୁତୟନ କରାଯିବ । ବିଚ ଉନ୍ନୟନ କମିଟି ତରଫରୁ ୧୦୦ ଜଣ ଲାଇଫଗାର୍ଡ଼ଙ୍କୁ ଶ୍ରୀଗୁଣ୍ଡିଚା ,ବାହୁଡ଼ା ଓ ସୁନାବେଶ ଦିବସରେ ମୁତୟନ କରାଯିବ । ମାଳତୀପାଟପୁର ବସ୍‌ଷ୍ଟାଣ୍ଡ, ଅଠରନଳା,ମଙ୍ଗଳାଘାଟ ଓ ବାଲିଘାଟ ଇତ୍ୟାଦି ସ୍ଥାନରେ **statisfical servey** କରାଯିବାର ବ୍ୟବସ୍ଥା ହେଉଛି ।

**(ଗ) ସାଂସ୍କୃତିକ କାର୍ଯ୍ୟକ୍ରମ :**

ରଥଯାତ୍ରା ନିମନ୍ତେ ସଂସ୍କୃତି ବିଭାଗ ତରଫରୁ ଲୋକନୃତ୍ୟ, ଲୋକ ସଂଗୀତ ଓଡ଼ିଶୀ, ଭଜନ ଓ ଗୀତିନାଟ୍ୟ ପାଲା, ଦାସକାଠିଆ, ଘୋଡ଼ାନାଚ ଇତ୍ୟାଦି କାର୍ଯ୍ୟକ୍ରମ କରାଯିବା ବ୍ୟବସ୍ଥା ହୋଇଛି । ଉକ୍ତ କାର୍ଯ୍ୟ ଯେପରି ଆକର୍ଷଣୀୟ ଗୁଡିକର ହେବ ସେଥିପାଇଁ ସଂସ୍କୃତି ଅଧିକାରୀ, ପୁରୀ ବୈଠକରେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

**(ଘ) ଶିଶୁ ସୁରକ୍ଷା :**

ରଥଯାତ୍ରା ସମୟରେ ବହୁଳ ପରିମାଣରେ ଜନସମାଗମଙ୍କୁ ଦୃଷ୍ଟିରେ ରଖି ଶିଶୁମାନଙ୍କ ରହିବା ଏବଂ ଖୋଜିବା ବା ସେମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବରେ ସେମାନଙ୍କର ପରିବାରକୁ ହସ୍ତାନ୍ତର କରିବା ପାଇଁ ଶିଶୁସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା ।

*(ଜିଲ୍ଲା ପର୍ଯ୍ୟଟନ ଅଧିକାରୀ/ ସଂସ୍କୃତି ଅଧିକାରୀ/*
*ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ପୁରୀ*
*ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ପୁରୀ)*

**୧୭. ପ୍ରଦର୍ଶନୀ:**

ପ୍ରତିବର୍ଷ ପରି ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଭୋଳାନାଥ ବିଦ୍ୟାପୀଠ ପ୍ରାଙ୍ଗଣରେ ଓ.ର.ମା.ସ. ତରଫରୁ ରାଜ୍ୟ ତଥା ରାଜ୍ୟ ବାହାର କ୍ଷୁଦ୍ରଶିଳ୍ପ ଅନୁଷ୍ଠାନଙ୍କ ତରପରୁ ପ୍ରଦର୍ଶନର ମଣ୍ଡପ ଖୋଲାଯିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା । ଭୋଳାନାଥ ବିଦ୍ୟାପୀଠ ପ୍ରଦର୍ଶନୀ ପଡ଼ିଆରେ ମହିଳା ଶୌଚାଳୟ ଖୋଲିବା ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା ଏବଂ ମେଳା ସମାପ୍ତିପରେ ବିଦ୍ୟାଳୟକୁ ସଫା କରିବା ଦାୟିତ୍ୱ ଓରମାସ ବହନ କରିବେ । ନିର୍ବାହୀ ଯନ୍ତ୍ରୀ, ଜାତୀୟରାଜପଥ, ପୂର୍ତ୍ତବିଭାଗ, ଜଳସେଚନ, ଡ୍ରେନେଜ୍ ପ୍ରତ୍ୟେକ ବିଭାଗ ୨୦ଟ୍ରିପ୍ ବାଲି ଭୋଳାନାଥ ବିଦ୍ୟାପୀଠର ଖାଲୁଆଯାଗାରେ ପକାଇବେ । ପୁରୀ ପୌରସଂସ୍ଥା ଜେ.ସି.ବି. ଦ୍ୱାରା ବାଲିଗୁଡିକୁ

ସମତୁଲ କରିବେ । ଜିଲ୍ଲା ପ୍ରକଳ୍ପ ସଂଯୋଜିକା, ସର୍ବଶିକ୍ଷା ଅଭିଯାନ, ପୁରୀ ସ୍ୱେଚ୍ଛାସେବୀ ସଙ୍ଗଠନ କାର୍ଯ୍ୟର ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବାକୁ ଦାୟିତ୍ୱ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ: ସଚିବ ଗଣଶିକ୍ଷା ବିଭାଗ ଭୁବନେଶ୍ୱର/ ନିର୍ବାହୀ ନିର୍ଦ୍ଦେଶକ ଓରମାସ ଭୁବନେଶ୍ୱର, ସଂସ୍ଥା ପୁରୀ/ ଜିଲ୍ଲା ଶିକ୍ଷା କେନ୍ଦ୍ର, ପୁରୀ/ ଡି.ଏସ୍.ଏମ୍.ଏସ୍., ପୁରୀ)*

**୧୮. ସ୍ୱେଚ୍ଛାସେବା କାର୍ଯ୍ୟ:**

ପୂର୍ବ ବର୍ଷ ପରି ଚଳିତ ବର୍ଷ ଯାତ୍ରା ଦିନମାନଙ୍କରେ ସ୍ୱେଚ୍ଛାସେବୀ କାର୍ଯ୍ୟ କରିବା ଓ ଯାତ୍ରୀମାନଙ୍କୁ ନିରାପତ୍ତା ଯୋଗାଇଦେବା ସହିତ ମନ୍ଦିର ପରିଷ୍କାର, ସହର ପରିମଳ, ଯାତ୍ରୀ ସୁରକ୍ଷା, ସମୁଦ୍ର ତଟ ପରିଷ୍କାର, ଯାତ୍ରୀମାନଙ୍କୁ ପାନୀୟ ଜଳ ଯୋଗାଣ ଦୁର୍ଘଟଣାଗ୍ରସ୍ଥ ଯାତ୍ରୀମାନଙ୍କୁ ସେବା ଶୁଶ୍ରୂଷା କରିବା ନିମିତ୍ତ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯିବ ଏବଂ ଜିଲ୍ଲା ପ୍ରକଳ୍ପ ସଂଯୋଜିକା, ସର୍ବଶିକ୍ଷା ଅଭିଯାନ,ପୁରୀ ସ୍ୱେଚ୍ଛାସେବୀ ସଂଗଠନ କାର୍ଯ୍ୟର ନୋଡ଼ାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଗଲା । ରଥଯାତ୍ରା ସମୟରେ ସ୍ୱେଚ୍ଛାସେବୀ ସଂସ୍ଥାମାନେ କେଉଁ ସ୍ୱେଚ୍ଛାସେବା କାର୍ଯ୍ୟ କେଉଁ ସ୍ଥାନରେ କରିବେ ତାହା ଓ ଜିଲ୍ଲା ଆରକ୍ଷୀ ଅଧିକାରୀ ସଂପୃକ୍ତ ନୋଡାଲ ଅଫିସର୍ଙ୍କ ସହ ବୈଠକ କରି ସ୍ଥିର କରିବେ ଏବଂ ଏ ସଂକ୍ରାନ୍ତରେ ଚୂଡାନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ ।

*(କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ, ପୁରୀ/ ଆରକ୍ଷୀ ଅଧିକ୍ଷକ, ପୁରୀ/ ନିର୍ବାହୀ ଅଧିକାରୀ, ପୁରୀପୌରସଂସ୍ଥା, ପୁରୀ/ ଜନସ୍ୱାସ୍ଥ୍ୟ ବିଭାଗ, ପୁରୀ/ ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ)*

**୧୯. ବଡ଼ଦାଣ୍ଡରୁ ବୁଲା ଗାଈ ଗୋରୁ ଷଣ୍ଢ ଅପସାରଣ:**

ଚଳିତ ବର୍ଷ ରଥଯାତ୍ରା ସମୟରେ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ବଡ଼ଦାଣ୍ଡରେ ବୁଲୁଥିବା ଗାଇଗୋରୁ, ଷଣ୍ଢଙ୍କୁ ଅପସାରଣ କରି କରାଯାଇଥିବା ଅସ୍ଥାୟୀ କାଞ୍ଜିଆହୁଦାରେ ଅଟକ ରଖିବା କାର୍ଯ୍ୟ ପୁରୀ ପୌରସଂସ୍ଥାଙ୍କ ଉପରେ ନ୍ୟସ୍ତ କରାଗଲା । ସେମାନଙ୍କର ଖାଦ୍ୟ, ପାନୀୟ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟ ଜିଲ୍ଲା ପଶୁଚିକିତ୍ସା ବିଭାଗ ତୁଲାଇବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ: ନିର୍ବାହୀ ଅଧିକାରୀ, ପୁରୀ/ ପୌରସଂସ୍ଥା, ପୁରୀ/ ଜିଲ୍ଲା ପଶୁଚିକିତ୍ସା ଅଧିକାରୀ)*

**୨୦. ଅସୁରକ୍ଷିତ କୋଠା ଚିହ୍ନଟ:**

ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ସମସ୍ତ କୋଠାଘରର ଛାତ ଗୁଡିକୁ ଆରକ୍ଷୀ ଅଧିକ୍ଷକ, ପୁରୀ, ଉପଜିଲ୍ଲାପାଳ, ପୁରୀ, ନିର୍ବାହୀ ଅଧିକାରୀ, ପୁରୀ, ପୌରସଂସ୍ଥା, ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ତହସିଲଦାର, ପୁରୀ ମିଳିତ ଭାବେ ଯାଞ୍ଚ କରିବେ ଏବଂ ଆବଶ୍ୟକ ସ୍ଥଳେ ଅସୁରକ୍ଷିତ କୋଠା ଗୁଡିକୁ ସିଲ୍ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ସ୍ଥିର କରାଗଲା ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/ ଉପଜିଲ୍ଲାପାଳ, ପୁରୀ/ ନିର୍ବାହୀ ଅଧିକାରୀ, ପୌରସଂସ୍ଥା/ ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ /ତହସିଲଦାର, ପୁରୀ)*

**୨୧. ଅନ୍ୟାନ୍ୟ:**

(କ) ଚଳିତ ବର୍ଷ ରଥଯାତ୍ରା ସମୟରେ ଯାତ୍ରୀମାନଙ୍କୁ ବ୍ୟାଙ୍କସେବା ଯୋଗାଇବା ତଥା ଏ.ଟି.ଏମ୍. କାଉଣ୍ଟର ଗୁଡିକର ସୁବିଧା ଉପଲବ୍ଧ ହେବା ନିମନ୍ତେ ଲିଡ୍ ବ୍ୟାଙ୍କ ମ୍ୟାନେଜର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ସ୍ଥିର କରାଗଲା ।

(ଖ) ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଆଦି ଯାତ୍ରା ଉପଲକ୍ଷେ ପୁରୀ ସହର ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଦ ଦୋକାନ ଗୁଡିକୁ ପୂର୍ବବର୍ଷ ମାନଙ୍କ ପରି ବନ୍ଦ ରଖିବା ପାଇଁ ଅବକାରୀ ଅଧିକ୍ଷକ, ପୁରୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନିଶା ଦ୍ରବ୍ୟ ବିକ୍ରୟକୁ ନିଷିଦ୍ଧ କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଗଲା । ତତ୍ ସଂଗେ ସଂଗେ ସହର ମଧ୍ୟରେ ଥିବା **Fast food** ଦୋକାନରେ ମଦପାନୀୟକୁ ନିଷିଦ୍ଧ କରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

(ଗ) ପୁରୀ ସହରରେ ଥିବା ବରଫ ଫ୍ୟାକ୍ଟ୍ରି ଗୁଡିକରୁ ଆମୋନିଆଗ୍ୟାସ୍ ନିର୍ଗମିତ ସମ୍ବନ୍ଧେ ସଂପୃକ୍ତ ଅଧିକାରୀ ପ୍ରମାଣ ପତ୍ର ଦାଖଲ କରିବେ ।

(ଘ) ରଥଯାତ୍ରା ନିମନ୍ତେ ଆବଶ୍ୟକୀୟ ଅଗ୍ନିଶମ ଗାଡି ବିଭିନ୍ନ ସ୍ଥାନରେ ମୁତୟନ କରାଯିବ । ତୀର୍ଥ ପୁଷ୍କରିଣୀ ସମୁଦ୍ରକୂଳ ନିକଟରେ ଉଦ୍ଧାର କାର୍ଯ୍ୟ ପାଇଁ ଉଦ୍ଧାରକାରୀ ଦଳ, ଲାଇଫ୍ ଗାର୍ଡ ମୁତୟନ କରାଯିବ । ପ୍ରଚଣ୍ଡ ରୌଦ୍ର ତାପରୁ ଯାତ୍ରୀମାନଙ୍କ ରକ୍ଷାନିମିତ୍ତ ଥଣ୍ଡାଜଳ ସିଞ୍ଚନର ବ୍ୟବସ୍ଥା କରାଯିବ ।

(ଙ) ସମସ୍ତ ବିଭାଗୀୟ ଅଧିକାରୀ ରଥଯାତ୍ରା ସମୟରେ ନିଜ ନିଜ କାର୍ଯ୍ୟାଳୟରେ **Control Room** କରିବେ ଏବଂ ଟାଉନ୍ ଥାନା **Integreted Control Room** ରେ ନିଜ ବିଭାଗୀୟ ବ୍ୟକ୍ତି ବିଶେଷଙ୍କୁ ଅବସ୍ଥାପିତ କରିବେ । ଏହି **Control Room** ଦିବାରାତ୍ର କାର୍ଯ୍ୟକରିବ ।

(ଚ) ବଡ଼ଦାଣ୍ଡରୁ ପୋଡା ଦୀପ, ଛିଣ୍ଡାଚପଲ ଇତ୍ୟାଦିକୁ ତୁରନ୍ତ ସଫାକରିବା ନିମନ୍ତେ ନିର୍ବାହୀ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

(ଛ) ସିଂହଦ୍ୱାର ଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟରେ ଲଗାଯାଇଥିବା ହୋର୍ଡିଂ ଗୁଡିକୁ ତୁରନ୍ତ ହଟାଯିବା ପାଇଁ ପୁରୀ ପୌରସଂସ୍ଥାଙ୍କୁ ନିର୍ଦ୍ଦେଶ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/*
*ନିର୍ବାହୀ ଅଧିକାରୀ/ ପୁରୀ ପୌରସଂସ୍ଥା/*
*ଲିଡ୍ ବ୍ୟାଙ୍କ ମ୍ୟାନେଜର/ ଅବକାରୀ ଅଧିକ୍ଷକ, ପୁରୀ)*

ପରିଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରି ଚଳିତ ବର୍ଷର ଘୋଷଯାତ୍ରାରେ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିବିଶେଷ ନିର୍ବିଘ୍ନ ଭାବରେ କାର୍ଯ୍ୟ ସମାପନ କରିବା ପାଇଁ ଯତ୍ନବାନ ହେବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କଟକ ପରାମର୍ଶ ଦେବା ସହ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

ସ୍ୱାକ୍ଷର ଚନ୍ଦ୍ର ଦଳାଇ
୨୮-୦୬-୨୦୨୨

**।। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କଟକ ।।**

ଜ୍ଞାପକ ସଂଖ୍ୟା ୧୪୧୩/ସାଓବି. ତା. ୨୮.୦୪.୨୦୨୨

ଏହାର ଏକକିତା ନକଲ ସଚିବ, ରାଜ୍ୟସରକାରଙ୍କ ବିଧି ବିଭାଗ/ ରାଜସ୍ୱ ବିଭାଗ/ ଘରୋଇ ବିଭାଗ/ ଅର୍ଥ ବିଭାଗ/ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ / ଗୃହ ଓ ନଗର ଉନ୍ନୟନ ବିଭାଗ/ ନିର୍ମାଣ ବିଭାଗ/ ଖାଦ୍ୟ ଓ ଯୋଗାଣ ବିଭାଗ/ ଜଙ୍ଗଲ ଓ ପରିବେଶ ବିଭାଗ/ ଶକ୍ତି ବିଭାଗ/ ପରିବହନ ବିଭାଗ/ ସୂଚନା ଓ ଲୋକସଂପର୍କ ବିଭାଗ/ ସାଂସ୍କୃତିକ ବିଭାଗ/ ପର୍ଯ୍ୟଟନ ବିଭାଗଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ୧୪୧୪ / ସାଓବି, ତା ୨୮.୦୪.୨୦୨୨

ଏହାର ଏକକିତା ନକଲ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ / ସଚିବ ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ/ ଆରକ୍ଷୀ ମହାନିରୀକ୍ଷକ, ଓଡ଼ିଶା / ନିର୍ଦ୍ଦେଶକ, ସ୍ୱାସ୍ଥ୍ୟସେବା, ଭୁବନେଶ୍ୱର / ନିର୍ଦ୍ଦେଶକ, ଗୃହ ଓ ନଗରଉନ୍ନୟନ ବିଭାଗ / ପର୍ଯ୍ୟଟନ ବିଭାଗ / ସଂସ୍କୃତି ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ୧୪୧୫/ସାଓବି. ତା. ୨୮.୦୪.୨୦୨୨

ଏହାର ଏକକିତା ନକଲ ଚେୟାରମ୍ୟାନ, ଗ୍ରୀଡ଼କୋ, ଭୁବନେଶ୍ୱର/ ମୁଖ୍ୟ ନିର୍ବାହୀ ଅଧିକାରୀ, ସେସ୍କୋ, ଭୁବନେଶ୍ୱର/ ମହାଡ଼ାକପାଳ, ଓଡ଼ିଶା, ଭୁବନେଶ୍ୱର/ କମିଶନର, ରେଲୱେ କୋଡ଼ିନେସନ୍, ଭୁବନେଶ୍ୱର/ ପରିବହନ କମିଶନର, କଟକ/ ନିର୍ଦ୍ଦେଶକ , ପର୍ଯ୍ୟଟନ ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର/ମୁଖ୍ୟଯନ୍ତ୍ରୀ, ଜନସ୍ୱାସ୍ଥ୍ୟ, ଓଡ଼ିଶା, ଭୁବନେଶ୍ୱର/ ମୁଖ୍ୟ ବନନିରୀକ୍ଷକ, ଓଡ଼ିଶା, ଭୁବନେଶ୍ୱର/ ସିନିୟର ଜେନେରାଲ ମ୍ୟାନେଜର, ସେଣ୍ଟ୍ରାଲ ଡ଼ିଷ୍ଟ୍ରିବ୍ୟୁସନ, ଗ୍ରୀଡ୍‌କୋ, ଭୁବନେଶ୍ୱର/ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ ତଥା ଅତିରିକ୍ତ ସଚିବ, ପଞ୍ଚାୟତିରାଜ ବିଭାଗ, ଓଡିଶା/ନିର୍ଦ୍ଦେଶକ,ଦୂରଦର୍ଶନ/ ଆୟୁକ୍ତତଥା ସଚିବ ପର୍ଯ୍ୟଟନ ଓ ସାଂସ୍କୃତିକ ବିଭାଗ/ନିର୍ଦ୍ଦେଶକ, ଆକାଶବାଣୀ, କଟକ/ଏଣ୍ଡାମେଣ୍ଟ କମିଶନର, BBSR/ ମେମ୍ବର ସେକ୍ରେଟାରୀ, ଓ ଡବ୍ଲୁ. ଏସ୍.ଏସ୍.ବି/ Dy.Comission, ST.Johu Ambulance/secretary, NHAI, Odisha/Executive Director, ଓଡିଶା ଡେଭେଲପ୍‌ମେଣ୍ଟ ମାର୍କେଟେଙ୍ଗି ସୋସାଇଟି, BBSR/ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ସଡ଼କ ପରିବହନ ନିଗମ, କଟକ/ଜିଲ୍ଲାପାଳ, ନୟାଗଡ଼/ ଅଗ୍ନିଶମ ଅଧିକାରୀ, କଟକ/ମ୍ୟାନେଜିଂ ଡ଼ାଇରେକ୍ଟର, ସେସ୍‌କୋ, ଭୁବନେଶ୍ୱର, ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ, ଭୁବନେଶ୍ୱର//ଡ଼ିଭିଜିନାଲ ମ୍ୟାନେଜର, ଦକ୍ଷିଣପୂର୍ବ ରେଳପଥ, ଖୋର୍ଦ୍ଧା/ଅଧିକ୍ଷକ, ପ୍ରତ୍ନତତ୍ତ୍ୱ ବିଭାଗ, ଭୁବନେଶ୍ୱର/ଉପଖଣ୍ଡ ବନଅଧିକାରୀ ଖୋର୍ଦ୍ଧା/ନୟାଗଡ଼ ଓ ପୁରୀଙ୍କ ଅବଗତି ଓ ବିହିତ କାର୍ଯ୍ୟନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ......୧୪୧୨........../ ସାଓବି. ତା ....୨୮.୦୬.୨୦୨୨

ଏହାର ଏକକିତା ନକଲ ଶ୍ରୀ ଶ୍ରୀ ଗଜପତି ମହାରାଜ, ପୁରୀ / ମୁଖ୍ୟ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ, ଆରକ୍ଷୀ ଅଧିକ୍ଷକ, ପୁରୀ / ପ୍ରୋଜେକ୍ଟ ଡାଇରେକ୍ଟର, ଡି.ଆର୍.ଡି.ଏ., ପୁରୀ/ ଏକ୍‌ଜିକ୍ୟୁଟିଭ୍ ଅଫିସର, ପୁରୀ ମ୍ୟୁନିସିପାଲିଟି, ପୁରୀ/ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ/ ପ୍ରଶାସକ (ନୀତି), ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ / ଉପ-ଜିଲ୍ଲାପାଳ, ପୁରୀ/ ଉପଖଣ୍ଡ ବନ ଅଧିକାରୀ (ବନ୍ୟଜନ୍ତୁ), ପୁରୀ/ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୁରୀ/ ଲଜିଂ ହାଉସ୍ ଫଣ୍ଡ, ପୁରୀ/ ଅବକାରୀ ଅଧିକ୍ଷକ, ପୁରୀ/ ତହସିଲଦାର, ପୁରୀ/ ମ୍ୟାନେଜର ଲିଡ୍ ବ୍ୟାଙ୍କ, ପୁରୀ/ ସ୍ୱାକ୍ଷର ଅଧିକାରୀ, ପୁରୀ ମ୍ୟୁନିସିପାଲଟି/ ଡି.ପି.ସି. ସର୍ବଶିକ୍ଷା ଅଭିଯାନ, ପୁରୀ/ ପର୍ଯ୍ୟଟନ ଅଧିକାରୀ, ପୁରୀ / ସଂସ୍କୃତି ଅଧିକାରୀ, ପୁରୀ / ପରିବହନ ଅଧିକାରୀ, ପୁରୀ/ ଜେନେରାଲ ମ୍ୟାନେଜର ଡି.ଆଇ.ସି., ପୁରୀ/ ସି.ଡି.ଏମ୍.ଓ., ପୁରୀ / ସହକାରୀ ଅଗ୍ନିଶମ ବିଭାଗ, ପୁରୀ / ସି.ଏସ୍.ଓ., ପୁରୀ/ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ, ପୁରୀ/ ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ/ ନିର୍ବାହୀ ଯନ୍ତ୍ରୀ ଡ୍ରେନେଜ୍ / ନିର୍ବାହୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗ, ପୁରୀ ନିର୍ବାହୀ ଯନ୍ତ୍ରୀ ଗ୍ରାମାଞ୍ଚଳ ଯୋଗାଣ ଓ ପରିମଳ, ପୁରୀ/ ନିର୍ବାହୀ ଯନ୍ତ୍ରୀ **TPCODL** ପୁରୀ /ସିନିୟର ସୁପରିଟେଣ୍ଡେଣ୍ଟ ପୋଷ୍ଟ ଅଫିସ୍, ପୁରୀ / ଷ୍ଟେସନ ମ୍ୟାନେଜର, ପୁରୀ/ ରେଲୱେ, ପୁରୀ / ଉପଖଣ୍ଡ ଅଧିକାରୀ ଜି.ଇ.ଡି., ପୁରୀ / ଉପଖଣ୍ଡ ଅଧିକାରୀ, ଟେଲିଫୋନ୍, ପୁରୀ/ ଡିଭିଜିଓନାଲ ଟେଲିକମ୍ ଇଞ୍ଜିନିୟର, ପୁରୀ / ଏ.ଜି.ଏମ୍., ବିଦ୍ୟୁତ୍ ବିଭାଗ, ପୁରୀ / ସଭାପତି ହୋଟେଲ ଆସୋସିଅସନ୍, ପୁରୀ / ମିଶନର ସ୍କାଉଟ୍ ଓ ଗାଇଡ୍, ପୁରୀ/କମାଣ୍ଡାଣ୍ଟ, ଏନ୍.ସି.ସି.,ପୁରୀ/ ପୋଗ୍ରାମ ଇଞ୍ଜିନିଅର ଆକାଶବାଣୀ, ପୁରୀ/ଆସିଷ୍ଟାଣ୍ଟ ଇଞ୍ଜିନିଅର, ଦୂରଦର୍ଶନ, ପୁରୀ/ ସୁପରିଟେଣ୍ଡେଣ୍ଟ, ଟି.ବି. ଓ ଆଇ.ଡି. ହସପିଟାଲ, ପୁରୀ / ସେକ୍ରେଟାରୀ ପି.କେ.ଡି.ଏ. / ମୁଖ୍ୟ ଅଧିକାରୀ, ଡି.ଏସ୍.ଏମ୍.ଏସ୍, ପୁରୀ /କ୍ଷେତ୍ରପ୍ରଚାର ଅଧିକାରୀ, ପୁରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ...୧୪୧୮......./ ସାଓବି. ତା ....୨୮.୦୬.୨୦୨୨

ଏହାର ଏକକିତା ନକଲ ଡିଷ୍ଟ୍ରିକ୍ ଇନଫରମାଟିକ୍ ଅଫିସର, ଏନ୍.ଆଇ.ସି., ପୁରୀଙ୍କୁ ପ୍ରେରଣ କରାଯାଇ ୱେବସାଇଟରେ ପରିବେଷଣ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ପୁରୀ